## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ବ୍ରାଜିଲକୁ ଟପିଲା...

ପହଞ୍ଚିଛି ଯାହାକି ମୋଟ ସଂକ୍ରମଣର ୮.୮୮ ପ୍ରତିଶତ। ସପ୍ତାହେ ମଧ୍ୟରେ ଦେଶରେ ୯.୩୭ ଲକ୍ଷ ସଂକ୍ରମିତ ହୋଇଛନ୍ତି, ଅର୍ଥାତ୍ ଦୈନିକ ହାରାହାରି ସଂକ୍ରମଣ ୧.୩୩ ଲକ୍ଷ ରହିଛି। ସାରା ବିଶ୍ୱରେ ରବିବାର ୬.୩୨ ଲକ୍ଷ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରୁ କେବଳ ଭାରତରେ ୧.୬୯ ଲକ୍ଷ। ଅର୍ଥାତ୍ ବିଶ୍ୱରେ ଦୈନିକ ସଂକ୍ରମଣର ପାଖାପାଖି ୨୭ ପ୍ରତିଶତ ଭାରତରେ ଦେଖିବାକୁ ମିଳିଛି। କରୋନା ସଂକ୍ରମଣର ଦ୍ୱିତୀୟ ଲହର ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୧୮ରେ ସର୍ବାଧିକ ସକ୍ରିୟ ମାମଲା ଥିଲା ୧୦,୧୭,୭୫୪। ପରେ ଏହା ହ୍ରାସ ପାଇ ଚାଲିଥିବାବେଳେ ଫେବୃୟାରୀରୁ ପୁଣି ଥରେ ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଥିଲା। ଗତ ୨୪ ଘଣ୍ଟାରେ ଭୂତାଣୁ ୯୦୪ ଜଣଙ୍କ ଜୀବନ ନେଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୩୪୯ ଜଣ ପ୍ରାଣ ହରାଇଛନ୍ତି। ଏହା ପଛକୁ ଛତିଶଗଡ଼ (୧୨୨), ଉତ୍ତରପ୍ରଦେଶ (୬୭), ପଞ୍ଜାବ(୫୯) ରହିଛି। ମୋଟ ମୃତ୍ୟୁସଂଖ୍ୟା ୧,୭୦,୧୭୯ ହୋଇଥିବାବେଳେ ସେଥିରୁ କେବଳ ମହାରାଷ୍ଟ୍ରରେ ରହିଛି ୫୭,୯୮୭। ତାମିଲନାଡୁରେ ୧୨,୯୦୮ ଜଣ କରୋନାରେ ପ୍ରାଣ ହରାଇଥିବାବେଳେ କର୍ଣ୍ଣାଟକରେ ୧୨,୮୮୯ ଏବଂ ଦିଲ୍ଲୀରେ ୧୧,୨୮୩ ଜଣଙ୍କ ଜୀବନ ଯାଇଛି।

### ବାଲେଶ୍ୱରକୁ ବ୍ୟାପିଲା...

ନିଆଯାଇ ନ ଥିଲା। ପଶ୍ଚିମବଙ୍ଗରେ ଏବେ ନିର୍ବାଚନ ଚାଲିଥିବାରୁ ସ୍ଥାନୀୟ ସରକାର କରୋନା କଟକଣା ଉପରେ ସେତେଟା ଗୁରୁତ୍ୱ ଦେଉନି କି ସଂକ୍ରମଣ ସ୍ଥିତି ନେଇ କୌଣସି ସ୍ପଷ୍ଟ ରିପୋର୍ଟ ଆସିପାରୁନି। ଫଳରେ ସେଠାରେ ସଂକ୍ରମଣ ଭିତରେ ଭିତରେ ଭୟଙ୍କର ରୂପ ନେଲାଣି। ଏହା ଓଡ଼ିଶା ପାଇଁ ବଡ଼ ବିପଦ ଆଣିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଚାରିପଟୁ କରୋନା ମାଡ଼ି ଆସୁଥିବାରୁ ଓଡ଼ିଶାର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଦୈନିକ ସଂକ୍ରମଣ ୨ହଜାର ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ୧,୭୪୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୦୧୫ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୭୨୬ଜଣ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ସୁନ୍ଦରଗଡ଼, ଖୋର୍ଦ୍ଧା, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର ସ୍ଥିତି ଉଦ୍‌ବେଗଜନକ ଥିବାବେଳେ ବାଲେଶ୍ୱରରେ ମଧ ସେଭଳି ସ୍ଥିତିକୁ ଆସିଲାଣି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୨୬୮ଜଣ ଥିବାବେଳେ ଖୋର୍ଦ୍ଧାରୁ ୨୦୪, ବାଲେଶ୍ୱର ୧୫୮, ସମ୍ବଲପୁର ୧୨୧, କଳାହାଣ୍ଡି ୧୧୪, ବରଗଡ଼ ୯୭, ନୂଆପଡ଼ା ୯୬, ବଲାଙ୍ଗୀର ୯୩ ଓ ନବରଙ୍ଗପୁରରୁ ୮୦ଜଣ ରହିଛନ୍ତି। ବାଲେଶ୍ୱରସ୍ଥିତ ଇମାମୀ ପେପର ମିଲ୍‌ରେ ଦିନକରେ ୧୦୧ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୫୧,୩୦୨ରେ ପହଞ୍ଚିଛି। ୩,୪୦,୬୦୦ଜଣ ଆରୋଗ୍ୟ ହୋଇଥିବାବେଳେ ୮,୭୨୧ଜଣ ସକ୍ରିୟ ରୋଗୀ ରହିଛନ୍ତି। ସୁନ୍ଦରଗଡ଼ରେ ସର୍ବାଧିକ ୧,୬୯୧ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧାରେ ୧,୨୩୪, ସମ୍ବଲପୁରରେ ୫୩୫ ଓ କଳାହାଣ୍ଡିରେ ୫୧୮ଜଣ ଅଛନ୍ତି। ଏପଟେ ନୂଆ ଷ୍ଟ୍ରେନ୍ ଅଧିକ ଘାତକ ପାଲଟିଛି। ରାଜ୍ୟରେ ଆଉ ଦୁଇଜଣଙ୍କ ଜୀବନ ଯାଇଥିବାବେଳେ ଉଭୟଙ୍କର ଘର ନୂଆପଡ଼ାରେ ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରେ ଜଣେ ୨୪ବର୍ଷୀୟ ଯୁବକ ଥିବାବେଳେ ଆଉଜଣେ ୪୦ ବର୍ଷୀୟ ବ୍ୟକ୍ତି ଅଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୨୮କୁ ବୃଦ୍ଧି ପାଇଛି। ଏବେ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ରେଡ୍ ଜୋନ୍‌ରେ ଥିବାବେଳେ ସମ୍ବଲପୁର ଓ କଳାହାଣ୍ଡି ୟେଲୋ ଜୋନ୍‌ରେ ରହିଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ସହଯୋଗ ପାଇଁ ନିବେଦନ କରିଛି। ଅତି ଜରୁରୀ ନ ଥିଲେ ହସ୍ପିଟାଲକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଗହଳି ସ୍ଥାନକୁ ଆସି ସଂକ୍ରମଣକୁ ଘରକୁ ନେଇ ଯାଆନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଏଥିସହ ହସ୍ପିଟାଲ ସମେତ ସମସ୍ତ ସ୍ଥାନରେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଉପରେ ପୁଣି ଗୁରୁତ୍ୱ ଦେଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ସବୁ ରାଜ୍ୟରେ ସଂକ୍ରମଣ ବଢୁଛି, ଆମ ରାଜ୍ୟରେ ମଧ ବଢୁଛି। ଏବେ ସ୍ଥିତି ଆକଳନ କରିବା ନାହିଁ। ଜିଲାପାଳମାନଙ୍କୁ ମେଡିକାଲ ପ୍ରସ୍ତୁତ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ପରିମାଣରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବ ସେହି ହିସାବରେ ବେଡ୍ ବୃଦ୍ଧି କରାଯିବ। ଲୋକଙ୍କ ଯା' ଆସ ଉପରେ କିଛି କଟକଣା ଲାଗିଛି। ଲୋକଙ୍କୁ ସଚେତନ କରାଯାଉଛି। ଅକ୍ସିଜେନ, ଭେଣ୍ଟିଲେଟର, ଡ୍ରାଇଭର ତର୍ଜମା ଚାଲିଛି। ଆବଶ୍ୟକତା ଅନୁସାରେ କାମରେ ଲଗାଯିବ। ପଜିଟିଭଙ୍କୁ ଚିକିତ୍ସା ପାଇଁ ପ୍ରତି ଜିଲାରେ କଲ୍ ସେଣ୍ଟର ଖୋଲାଯାଇଛି। ସେମାନେ ଫୋନ୍ କରି ରୋଗୀର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଔଷଧ ଦେଉଛନ୍ତି ବୋଲି ସେ କହିଛନ୍ତି।

## ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍

**ଜଳେଶ୍ୱର, ୧୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ସୋମବାର ୧୫୮ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ପ୍ରଶାସନ ତତ୍ପର ହୋଇପଡିଛି। ପ୍ରବାସୀ ଓଡ଼ିଆଙ୍କ ଚଳପ୍ରଚଳ ଉପରେ ରୋକ୍ ଲଗାଇବା ଲାଗି ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍ କରିଛି। ବାଲେଶ୍ୱର ଜିଲାର ସୀମାନ୍ତ ଜଳେଶ୍ୱର ତହସିଲର ୪୫ଟି ଗାଁ ସହିତ ପଶ୍ଚିମବଙ୍ଗର ୫୦ ଗାଁ ଲଗାଲଗି ହୋଇରହିଛି। ସୁଗୋ-ଦୋବାଡ଼ିଆ ଭାୟା ନେତୁଆ, ନେତୁଆ-ପ୍ରିୟବାଗ, ସୁଗୋ-ସୋଲପଟା, ଆମ୍ବଳିଅଠା-ସୋଲପଟା, ଆମ୍ବଳିଅଠା-ଜେନାଦିଘୀ, ୬୦ନଂ. ଜାତୀୟ ରାଜପଥ ଲକ୍ଷ୍ମଣନାଥ, ଓଟି ରୋଡ଼, ସୁନାକଣିଆ-ଡିପିପୁର ଫେରିଘାଟ, ମାକିଡିଆ-ଦାନ୍ତୁନ ଫେରିଘାଟ, ରାଜନଗର-ଦାନ୍ତୁନ ଫେରିଘାଟ, କୁଅଁରପୁର-ଦାନ୍ତୁନ ଫେରିଘାଟ, ଓଲମରା-ଖଡ଼ିକା ଭାୟା ସର୍ଦ୍ଧାବନ୍ଧ ରାସ୍ତାରେ ଉଭୟ ରାଜ୍ୟର ଲୋକେ ଯାତାୟାତ କରନ୍ତି। ଜାତୀୟ ରାଜପଥର ଟୋଲପ୍ଲାଜାଠାରେ ପ୍ରବାସୀଙ୍କୁ ପ୍ରବେଶ ନ କରାଇବା ଲାଗି ପୋଲିସ ମୁତୟନ କରାଯାଇଛି। ସଂକ୍ରମଣ ବଢୁଥିବାରୁ ପ୍ରତ୍ୟେକ ରାସ୍ତା ସିଲ୍ କରାଯିବା ସହିତ ୬୦ନଂ. ଜାତୀୟ ରାଜପଥ କଡାକଡି ଯାଞ୍ଚ କରାଯିବାକୁ ଦାବି ହେଉଛି।

### ଭାରତରେ ସ୍ପୁଟ୍‌ନିକ...

ରୁଷିଆର ଗାମାଲେୟା ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ବିକଶିତ ଏହି ଟିକାର ଦାମ୍ ଅନ୍ତର୍ଜାତୀୟ ବଜାରରେ ୧୦ ଡଲାରରୁ କମ୍ ରହିଛି। ଏହାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଗଚ୍ଛିତ କରି ରଖାଯାଇପାରିବ।

### ବଲାଙ୍ଗୀର, କଳାହାଣ୍ଡି...

ସଞ୍ଜୟ କୁମାର ଶତପଥୀ ୧୩ ପାଠ୍ୟ ପୁସ୍ତକ ସମେତ ୨୪ ପୁସ୍ତକ ରଚନା କରିଛନ୍ତି। ତାଙ୍କର ୩୬ ବର୍ଷରୁ ଅଧିକ ଶିକ୍ଷାଦାନ ଅଭିଜ୍ଞତା ରହିଛି। ସେ ୨୦ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଲାଗି ମାର୍ଗଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଏହି ଦୁଇ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଥିଲେ।

### ଭୁବନେଶ୍ୱରରେ ହେବ...

ସ୍ୱାସ୍ଥ୍ୟ ଯୋଜନା ଅଧୀନ ରୋଗୀମାନଙ୍କ ପାଇଁ ଅଲଗା ରହିବ। ଅବଶିଷ୍ଟ ୫୦ ପ୍ରତିଶତ ରୋଗୀ ସେବା ପାଇଁ ଦେୟ ଦେବାକୁ ପଡିବ। ସେହି ସଂଗୃହୀତ ଅର୍ଥ ଗରିବ ରୋଗୀଙ୍କ ସହାୟତା ଏବଂ ଡାକ୍ତରଖାନା ସମ୍ପ୍ରସାରଣ ପାଇଁ ବ୍ୟବହାର ହେବ। ମୁଖ୍ୟ ବର୍ଗର କର୍କଟ ସେବା ଅର୍ଥାତ୍ ସର୍ଜିକାଲ, ମେଡିକାଲ ଏବଂ ରେଡିଏଶନ ଅଙ୍କୋଲୋଜି, ଇମୋଜିଂ ନ୍ୟୁକ୍ଲିୟାର ମେଡିସିନ, ଶିଶୁ ଓ ହେମାଟୋ-ଅଙ୍କୋଲୋଜି, ଫୁସଫୁସ ରୋଗ କେନ୍ଦ୍ର, ନିଶ୍ଚେତକ ବିଭାଗ ଏବଂ ଇଣ୍ଟିଗ୍ରେଟେଡ୍‌କେୟାର, ଲାବରେଟୋରିଡାଇଗ୍ନୋଷ୍ଟିକସେବା ବ୍ଲଡ୍‌ବ୍ୟାଙ୍କ ଏବଂ ଇମ୍ୟୁନୋ-ହେମାଟୋଲୋଜି ସେବା ସହିତ ଏହା ଏକ ଉତ୍କର୍ଷ ଅଙ୍କୋଲୋଜି କେନ୍ଦ୍ର ହେବ। ଅନ୍ୟ ସେବା ଯେପରି ନର୍ସିଂ, ଫିଜିଓଥେରାପି ତାଲିମ କେନ୍ଦ୍ର, ନିଶା ନିବାରଣ କ୍ଲିନିକ, ବୃତ୍ତିଗତ ପୁନର୍ବାସ ମଧ ଏହି କେନ୍ଦ୍ରର ଏକ ଅଂଶ ହେବ।

### 'ହାଇଦର ଫେରାର...

ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଏସ୍‌ସିବିକୁ ଅଣାଯାଇଥିଲା। ସେଠାରେ ସେ ସର୍ଜରି ବିଭାଗର ୫ନଂ. କ୍ୟାବିନ୍‌ରେ ରହି ଚିକିତ୍ସିତ ହେଉଥିଲେ। ଚିକିତ୍ସା ସମୟରେ ତାଙ୍କ ପୁଅ, ଭାଇ କାଲିଆ, ପୁତୁରା କାଲା, ଶାଳକ ଓ ଜ୍ୱାଇଁ କ୍ୟାବିନ୍‌କୁ ନିୟମିତ ଭାବେ ଆସି କଥା ହେଉଥିଲେ। ଗତ ଶନିବାର ଅପରାହ୍ନ ସାଢେ ୪ଟାରେ ମୁଁ ତାଙ୍କୁ ଜଗିଥିଲି। ଏହି ସମୟରେ ସେମାନେ ମୋ ଉପରକୁ ବିଷାକ୍ତ ପଦାର୍ଥ ଫିଙ୍ଗିଥିଲେ। ଏହାପରେ ମୁଁ ଅଚେତ ହୋଇପଡିଥିଲି। ଏହାର ସୁଯୋଗ ନେଇ ପରିବାର ଲୋକେ ହାଇଦରଙ୍କୁ ଖସାଇ ନେଇଯାଇଛନ୍ତି। ତେଣୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଏ ନେଇ ପୋଲିସ ଆଇପିସି ଦଫା ୨୨୪, ୩୨୮ ଓ ୧୨୦(ବି) ଅନୁଯାୟୀ ଏକ ମାମଲା(ନଂ.୧୦୧/୨୧) ରୁଜୁ କରିଛି। ଏ ସମ୍ପର୍କରେ ମୌସିମଙ୍କୁ ପଚରାଉଚରା କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

### ଆତ୍ମସମର୍ପଣ କଲେ...

ନିଶାଦ୍ରବ୍ୟ ମିଶା ହେବା କଥାକୁ ଅସ୍ୱୀକାର କରିଥିଲେ। ୟାକୁବ ୪/୫ ବର୍ଷଧରି ହାଇଦରଙ୍କ ସହଯୋଗୀ ଭାବେ କାମ କରିଆସୁଥିଲେ। ବ୍ୟବସାୟିକ ଦୃଷ୍ଟିକୋଣରୁ ସେ ହାଇଦରଙ୍କୁ ଭେଟିବା ସହ କାର୍ଯ୍ୟ ପାଇବା ଆଶାରେ ଆସୁଥିଲେ। ୟାକୁବ୍ ହାଇଦରଙ୍କ ସହଯୋଗୀ ହୋଇଥିବାରୁ ସେ ଫେରାର ହେବା ପଛର ରହସ୍ୟ ଉପରୁ ପରଦା ଉଠାଇ ପାରିବ ବୋଲି ପୋଲିସ ବିଶ୍ୱାସ ରଖିଛି। ଅପରପକ୍ଷରେ ୟାକୁବ ଜାଣିଛନ୍ତି ପୋଲିସ ସେହିମାନଙ୍କୁ ଟାର୍ଗେଟ୍ କରି ଖୋଜାଖୋଜି କରୁଛି, ଯେଉଁମାନେ ହାଇଦରଙ୍କୁ ବାରମ୍ବାର ଭେଟିବା ପାଇଁ ଏସ୍‌ସିବିକୁ ଆସୁଥିଲେ। ତେଣୁ ଭୟରେ ହେଉ କିମ୍ବା ତାଙ୍କ ପାଇଁ ପରିବାର ଲୋକେ ଯେପରି ଅସୁବିଧାରେ ନ ପଡ଼ନ୍ତୁ, ସେଥିଲାଗି ୟାକୁବ ଆତ୍ମସମର୍ପଣ କରିଥିବା ଅନୁମାନ କରାଯାଉଛି। ୟାକୁବ୍ ଆତ୍ମସମର୍ପଣ କରିବା ପରେ ଚାଉଳିଆଗଞ୍ଜ ପୋଲିସ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଏହାର ବିଭିନ୍ନ ଦିଗ ଉପରେ ତଦନ୍ତ କରିବା ପାଇଁ ତାଙ୍କୁ ପଚରାଉଚରା ଜାରି ରଖିଥିବା ଆଇଆଇସି ତାପସ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ୟାକୁବ୍‌ଙ୍କ ନାଁରେ ପୂର୍ବରୁ ଜଗତ୍‌ପୁର ଥାନାରେ ଏକ ବୋମାମାଡ଼ ମାମଲା ସହ ଅନ୍ୟ ଥାନାରେ ୩ଟି ମାମଲା ରହିଥିବା ଜଣାପଡିଛି। ସେ ବୋମାମାଡ଼ ମାମଲାରେ ଜେଲ୍ ଯାଇଥିବାବେଳେ ସେଠାରେ ହାଇଦରଙ୍କର ଧରମ ପୁଅ ବୋଲାଉଥିବା ଯୋବ୍ରା ଅଞ୍ଚଳର କମାଣ୍ଡରଙ୍କ ସହ ସାକ୍ଷାତ୍ ହୋଇଥିଲା। ସେଠାରେ ସେମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। କମାଣ୍ଡରଙ୍କ ସହଯୋଗରେ ସେ ହାଇଦରଙ୍କ ସହ ପରିଚିତ ହୋଇଥିଲେ। ଏହାପରେ ସେ ତାଙ୍କ ସହଯୋଗୀ ଭାବେ କାମ କରିଥିଲେ।

### ୫ ବର୍ଷ ବଢ଼ିଲା...

ପରବର୍ତ୍ତୀ ୫ ବର୍ଷ ପାଇଁ ଏହାକୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୫୬୯.୯୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୨୫ ହଜାର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଭାଗ ଦ୍ୱାରା ପରିଚାଳିତ ଅନ୍ୱେଷା ଛାତ୍ରାବାସରେ ରଖାଯାଇ ଶିକ୍ଷାଦାନ କରାଯିବ।

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଓଡ଼ିଶା ଲାବରେଟୋରି ଟେକ୍ନିସିଆନ ସେବା ନିୟମ-୨୦୧୯ର ସଂଶୋଧନ କରାଯାଇ ଓଡ଼ିଶା ଲାବରେଟୋରି ଟେକ୍ନିସିଆନ ସେବା ନିୟମ-୨୦୨୧ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରଚଳିତ ନିୟମାବଳୀ ଅନୁଯାୟୀ ସ୍କିମ୍ ଦ୍ୱାରା ନିଯୁକ୍ତ ଠିକା ଲାବରେଟୋରି ଟେକ୍ନିସିଆନ, ସିନିୟର ଟିବି ଲାବରେଟୋରି ସୁପରଭାଇଜରମାନଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ସ୍ୱାସ୍ଥ୍ୟ ସେବା ଅନ୍ତର୍ଭୁକ୍ତ କରିବା ବ୍ୟବସ୍ଥା ରହିଛି। କିନ୍ତୁ ଯୋଗ୍ୟ ସ୍କିମ୍‌ଗୁଡିକ ବିଷୟରେ ବିଶଦ ଭାବେ ସୂଚନା ଦିଆଯାଇନାହିଁ। ସଂଶୋଧିତ ନିୟମରେ ଉକ୍ତ ପଦବୀଗୁଡିକ ଲାଗି ନିଯୁକ୍ତି ସକାଶେ ୧୦୦ ମାର୍କ ଲିଖିତ ପରୀକ୍ଷା ୨ଘଣ୍ଟାରେ ହେବ। ସେଥିରେ ଅବଜେକ୍ଟିଭ ଟାଇପ୍, ମଲଟିପୁଲ୍ ଚଏସ୍ କ୍ୱେଶ୍ଚିନ ଆସିବ। ପ୍ରତ୍ୟେକ ଭୁଲ୍ ଉତ୍ତର ପାଇଁ ୦.୨୫ % ମାର୍କ କାଟି ଦିଆଯିବ। ପରୀକ୍ଷାର ୬୦% ପ୍ରଶ୍ନ ପାଠ୍ୟକ୍ରମରୁ ଆସିବାକୁ ଥିବାବେଳେ ୨୫% ପ୍ରଶ୍ନ ପ୍ରାକ୍ଟିକାଲ, ୧୦% ପ୍ରଶ୍ନ ଏରିଥମେଟିକ ଏବଂ ୫% ପ୍ରଶ୍ନ ହାଇସ୍କୁଲ ଷ୍ଟାଣ୍ଡାର୍ଡର ଇଂଲିଶରୁ ଆସିବ।

ସଂଶୋଧନ ନିୟମରେ ପଦୋନ୍ନତି ନିୟମାବଳୀରେ ଟେକ୍ନିକାଲ ସୁପରଭାଇଜର ପଦବୀ ନୂତନ ଭାବେ ସୃଷ୍ଟି କରାଯାଇଛି, ଯାହା ବରିଷ୍ଠ ଲାବରେଟୋରି ଟେକ୍ନିସିଆନ ପଦବୀର ପରବର୍ତ୍ତୀ ପଦୋନ୍ନତି ପଦବୀ। ଏହି ସଂଶୋଧନ ନିୟମରେ ମୂଳ ଶିକ୍ଷାଗତ ଯୋଗ୍ୟତା ଡିପ୍ଲୋମା ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି ଥାଇ ଉଚ୍ଚତର ଶିକ୍ଷାଗତ ଯୋଗ୍ୟତା ବ୍ୟାଚେଲର ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି କିମ୍ବା ମାଷ୍ଟର ଇନ୍ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି ଥିବା ପ୍ରାର୍ଥୀମାନେ ମଧ ଲାବରେଟୋରି ଟେକ୍ନିସିଆନ ପଦବୀ ପାଇଁ ଆବେଦନ କରିପାରିବେ।

ଓଡ଼ିଶା ଅଧସ୍ତନ ମଙ୍ଗଳସେବା (ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀ) ନିୟମ-୧୯୯୨ ଦ୍ୱାରା ଓଡ଼ିଶା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ନିଯୁକ୍ତି ଓ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ ହୁଏ। ୨୦୧୮ ନଭେମ୍ବର ୨ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବା ବର୍ଗର ପୁନର୍ଗଠନ କରାଯାଇଛି। ଓଡ଼ିଶା ଅଧସ୍ତନ ସେବାର ପୁନର୍ଗଠନ ଯୋଗୁ ଏହି ସେବାର ଅନ୍ତର୍ଭୁକ୍ତ ସହାୟକ ଜିଲା ମଙ୍ଗଳ ଅଧିକାରୀ ପଦବୀକୁ ଉନ୍ନିତ କରାଯାଇ ଓଡ଼ିଶା ମଙ୍ଗଳ ସେବା ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିଯୋଗୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କୃତ୍ତିକା ନକ୍ଷତ୍ର ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଅଫିସ୍‌ରେ ଆଲୋଚନାକ୍ରମେ କାମରେ ଲାଗିପଡ଼ନ୍ତୁ, ଅଳ୍ପ ସମୟ ପରେ ସବୁ କିଛି ଠିକ୍ ହୋଇଯିବ। ନିଜର କେତେକ କୃତକର୍ମ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ କୌଣସି କାମ ଅଟକିବ ନାହିଁ। ମୃଗଶିରା ନକ୍ଷତ୍ର ଉପକୃତ ହୋଇଥିବା ନିଜ ଲୋକଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତ ହେବେ। ପରକଥାରେ ମୁଣ୍ଡ ପୂରାଇ ସମସ୍ୟକୁ ଡାକି ଆଣନ୍ତୁ ନାହିଁ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ଲାଭବାନ୍ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘ ଦିନରୁ ଦେଖିନଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢ଼ାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟରେ ଉନ୍ନତି କରିବେ ଏବଂ ଲାଭ ମଧ କିଛି କମ୍ ହେବନାହିଁ। ପୁନର୍ବସୁ ନକ୍ଷତ୍ରର ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** ଆଜି ବନ୍ଧୁମାନେ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଅଶ୍ଳେଷା ନକ୍ଷତ୍ର ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡ଼ିବା ପାଇଁ ସ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି। ସଫଳତା ସକାଶେ କନିଷ୍ଠଙ୍କ ମତାମତକୁ ଅସମ୍ମାନ କରନ୍ତୁ ନାହିଁ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ କାରଣରୁ ମନ ଭାରାକ୍ରାନ୍ତ ରହିବ। ପରକ୍ଷଣରେ ପୂର୍ବାବସ୍ଥା ଫେରିପାଇବା ସକାଶେ ବିଭିନ୍ନ ଯୋଜନା କରିବେ। ଏଣେ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଟୂକ୍ତି ମନରେ ଦୁଃଖଦେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

**କନ୍ୟା** ଆଜି ଯେମିତି ଚାହିଁବେ ସେମିତି ପାଇବେ। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରିବାରେ ସମର୍ଥ ହେବେ। ହସ୍ତା ନକ୍ଷତ୍ରର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପାରିବାରିକ ସ୍ତରରେ କେତେକ ସମସ୍ୟା ଓ ପ୍ରତିବନ୍ଧକ ଦେଖାଦେଇପାରେ, ମାତ୍ର ବିଶେଷ କିଛି ଅସୁବିଧା ହେବ ନାହିଁ।

**ତୁଳା** ସମସ୍ତ ସୁବିଧା ଥାଇ ମଧ ଆଶା କରୁଥିବା କାମ ନ ହେବାରୁ ମନରେ ସରସତା ରହିବ ନାହିଁ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ, ଯାହାକି ଆପଣଙ୍କୁ ଧର୍ମସଂକଟରେ ପକାଇପାରେ। ସ୍ୱାତୀ ନକ୍ଷତ୍ର ସକାଶେ ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହନ୍ତୁ।

**ବିଛା** ଅନୁରାଧା ନକ୍ଷତ୍ର ମନ କଥା ମନରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ ହେବେ। ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ତକ୍‌ଲିଫ ହେବାକୁ ପଡ଼ିବ। ଆଜି ଆପଣ ଯେତେ ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିରେ ଦେଖିବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା ଅବ୍ୟାହତ ରଖିବା ଭଲ।

**ଧନୁ** ଆଜି ପରିବାର ଭିତରେ ମତପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାମାଜିକ କ୍ଷେତ୍ରରେ ପଡ଼ୋଶୀମାନେ ନିଜ ସ୍ୱାର୍ଥ ସାଧନ ଆଶାରେ ଭୂରିଭୂରି ପ୍ରଶଂସା କରିବେ। ପୂର୍ବାଷାଢ଼ା ନକ୍ଷତ୍ରର ଶାରୀରିକ ଅସୁସ୍ଥତା ଚିନ୍ତାର ମୁଖ୍ୟ କାରଣ ହୋଇପାରେ।

**ମକର** ବୁଝାମଣା ମାଧ୍ୟମରେ ସମସ୍ୟାର ସରଳ ସମାଧାନ ଚେଷ୍ଟା କଲେ ଉପକୃତ ହେବେ। ଅଫିସରେ କଥା କଟାକଟି ହେତୁ ସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଧନିଷ୍ଠା ନକ୍ଷତ୍ରର ଦୀର୍ଘ ଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**କୁମ୍ଭ** ଆଜି ଶତଭିଷା ନକ୍ଷତ୍ର ସକାଶେ ଆର୍ଥିକ ଅଭାବ ହିଁ ସମସ୍ୟାର ମୂଳ କାରଣ ହେବ। ସମସ୍ୟା ଆସିଲେ ମଧ ଆପଣ ଦୃଢ଼ ମନୋବଳ ଯୋଗୁଁ ବହୁ ବିପଦରୁ ରକ୍ଷା ପାଇବେ। ମିତ୍ରମାନେ ଆଗରେ ନ କହିଲେ ବି ପରୋକ୍ଷରେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି।

**ମୀନ** ଆଜି ଆଲୋଚନା ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଅବ୍ୟାହତ ରହିବ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଆଜି ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ଚୈତ୍ର ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ମୃଣ୍ମୟୀଦେବୀଙ୍କ ବାସନ୍ତିକ ନବରାତ୍ର ଆରମ୍ଭ, ମାସାନ୍ତ, ଚୈତ୍ର ମଙ୍ଗଳବାର ଓଷା ତୃତୀୟପାଳି, ଏପ୍ରିଲ ୧୩ ତାରିଖ, ଜାଲିଆନାୱାଲାବାଗ ଦିବସ, ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୦୩ ଗତେ ଘ.୧୦।୩୨ ମଧ୍ୟେ, ଘ.୦୧।୦୨ ଗତେ ଘ.୦୨।୪୧ ମଧ୍ୟେ, ଘ.୦୩।୩୧ ଗତେ ଘ.୦୫।୧୦ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨।୫୩ ଗତେ ଘ.୦୪।୨୭ ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

real estate

**SALE**

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952. D-70832

Plot for Sale, 2000sqft (10nos) per sqft-1600 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227. D-20497

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652. D-70819

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553. D-70821

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି SC Plot 5,41,000/-ରେ ବିକ୍ରି ହେବ। 9439832956. D-70824

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

construction

Building construction supervision layout planning by civil engineer. D. Acharya. Mob: 8144815298. D-20487

**GENERAL SALE**

Accessories of running ladies beauty parlour for sale. Contact - 9078533545. D-65916

to-let

3BHK Ommniloy A201 near Flyover Shahid Nagar, Family/Office. 7032925529, 9337555288. D-20496

healthcare

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Monalisa massage club : All types body massage with hiprofile smart lady rooms service available 9708545108. D-20491

Refreshing your mind, your body with the best therapy at Lotus Spa. 9801811949. D-70445

astrology

ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

In the Court of the Civil Judge, (Sr. Division), Kamakhyanagar
Succession Certificate Case No.- 4/2019
Susila Pani .........Petitioner
Vrs
Ratnaprava Pani & others ......... O.P.s.
Notice U/O 5 Rule 20 of C.P.C.

ଏହିକି ସୁଶୀଳା ପାଣି, ସ୍ୱାମୀ ୰ସିଦ୍ଧେଶ୍ୱର ପାଣି, ସା.- କୁମୁସୀ, ପଡ଼ା- ମହୁଆ, ପୋ.- କୁମୁସୀ, ଥାନା- ପର୍ଜଙ୍ଗ, ଜିଲ୍ଲା- ଢେଙ୍କାନାଳ ମୃତ ସିଦ୍ଧେଶ୍ୱର ପାଣିଙ୍କର ସ୍ୱତ୍ୱାଧିକାରୀ ପ୍ରମାଣପତ୍ର ପାଇଁ (୧) ରତ୍ନପ୍ରଭା ପାଣି ସ୍ୱା- ୰ସିଦ୍ଧେଶ୍ୱର ପାଣି, (୨) ସୁଶାନ୍ତ ପାଣି, (୩) ଡଲିରାଣୀ ପାଣି, (୪) ଅନୀତା ପାଣି, (୫) ମମତା ପାଣି @ପଣ୍ଡା, (୬) ସଞ୍ଜୁରାଣୀ @ସଜନୀ ପାଣି @ ସଂଯୁକ୍ତା ପାଣି, (୭) ଦିନା ପାଣି @ସନ୍ଧ୍ୟାରାଣୀ ପାଣି, (୮) ମାମା ପାଣି @ପାଢ଼ୀ @ପ୍ରଭାତି ପାଣି, ଏମାନଙ୍କର ପିତା- ୰ସିଦ୍ଧେଶ୍ୱର ପାଣିଙ୍କ ବିରୁଦ୍ଧରେ ମାନ୍ୟବର ବରିଷ୍ଠ ଦେୱାନୀ ବିଚାରକଙ୍କ ଅଦାଲତରେ Succession Certificate case No.- 4/2019 ରୁଜୁ କରିଛନ୍ତି। ଏତଦ୍ୱାରା ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି, ଯଦି ଉପରୋକ୍ତ ପ୍ରତିବାଦୀମାନଙ୍କ ବ୍ୟତୀତ ମୃତ ସିଦ୍ଧେଶ୍ୱର ପାଣିଙ୍କର କୌଣସି ସ୍ୱତ୍ୱାଧିକାରୀ ଥାଆନ୍ତି ଏବଂ ଏଥିପାଇଁ କାହାର କିଛି ଦାବି ଓ ଆପତ୍ତି ଥାଏ, ତେବେ ତା ୨୨।୦୪।୨୦୨୧ରିଖ ଦିବା ୦୭.୩୦. ମି. ସମୟରେ ନିଜେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ମାନ୍ୟବର ବରିଷ୍ଠ ଦେୱାନୀ ବିଚାରକ, କାମାକ୍ଷାନଗରଙ୍କ ଅଦାଲତରେ ଉପଯୁକ୍ତ କାଗଜାତ ଓ ପ୍ରମାଣ ସହିତ ହାଜର ହେବେ। ଯଦି ଧାର୍ଯ୍ୟ ତାରିଖରେ କୌଣସି ଦାବିଦାର ଅନୁପସ୍ଥିତ ରୁହନ୍ତି ଧରି ନିଆଯିବ ଯେ, ଉକ୍ତ କେଶ୍ ବିଷୟରେ କାହାରି କିଛି ଆପତ୍ତି ଅଭିଯୋଗ ନାହିଁ।

Given under my hand and seal
Dt. 09.03.2021
Civil Judge (Sr. Divn), Kamakhyanagar, Dist-Dhenkanal. D-70320

## ପଞ୍ଚାୟତସ୍ତରୀୟ ଯାଦବ ମହାସଭା

ଜାମଟିକ୍ରା,(ଡି.ଏନ.ଏ): ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ପଞ୍ଚାୟତ ଅଧୀନ ସୋର୍ଣ୍ଣା ସ୍ୱପ୍ନେଶ୍ୱର ଶୈବ ପୀଠ କଲ୍ୟାଣ ମଣ୍ଡପଠାରେ ପଞ୍ଚାୟତସ୍ତରୀୟ ଯାଦବ ମହାସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀପତି ପୋଢ଼ ସଭାପତିତ୍ୱ କରିଥିଲେ। ଆଖପାଖ ଗାଁର ଯାଦବମାନେ ଯୋଗଦେଇ ଯାଦବ ସମାଜ ସବୁକ୍ଷେତ୍ରରେ କିପରି ଆଗକୁ ଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ମହାସଭାରେ ଅତାବିରା ଏନ୍ଏସି ଯାଦବ ସଭାପତି ଦୁଃଖବନ୍ଧୁ ରାଉତ, ମୋହନ କଠାର, ସୁରେନ୍ଦ୍ର ପୋଢ଼, ଦଇତାରି ଜାଲ, ଯୁଧିଷ୍ଠିର ଭୋଇ, ଆଶ୍ରାମ ଭୋଇ, ପ୍ରମୋଦ ପୋଢ଼ ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ବଲାଙ୍ଗୀର: ଗୋଟିଏ ଦିନରେ ୯୩ ସଂକ୍ରମିତ ଚିହ୍ନଟ

**ବଲାଙ୍ଗୀର ଅଫିସ, ୧୨।୪:** କରୋନା ଦ୍ୱିତୀୟ ଲହର ପ୍ରକୋପ ବଲାଙ୍ଗୀର ଜିଲାରେ ଦେଖିବାକୁ ମିଳିଲାଣି। ରବିବାର ଗୋଟିଏ ଦିନରେ ଜିଲାରେ ନୂଆ ୯୩ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ପରେ ଏବେ କରୋନା ଚିନ୍ତା ବଢ଼ିଛି। ଏପ୍ରିଲ ଦୁଇ ତାରିଖ ଦିନ ଜିଲାରେ ମାତ୍ର ୮୦ ଜଣ ସକ୍ରିୟ ମାମଲା ରହିଥିଲା। ମାତ୍ର ୧୦ ଦିନ ପରେ ଏବେ ସକ୍ରିୟଙ୍କ ସଂଖ୍ୟା ୩୦୮ରେ ପହଞ୍ଚିଛି। ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଇବା ପରେ ସୋମବାରଠାରୁ ଲର୍କିପାଲି ସରକାରୀ ପଲିଟେକ୍ନିକ୍‌ଠାରେ କୋଭିଡ କେୟାର କେନ୍ଦ୍ର ଆରମ୍ଭ କରାଯାଇଛି। ମଙ୍ଗଳବାରଠାରୁ ଏଠାରେ ସଂକ୍ରମିତଙ୍କୁ ଭର୍ତ୍ତି କରାଯିବ ବୋଲି ସିଡିଏମ୍‌ଓ ଡା ଭୀମ ସାହୁ ସୂଚନା ଦେଇଛନ୍ତି। ବଲାଙ୍ଗୀରରେ ଛତିଶଗଡ ଷ୍ଟ୍ରେନ୍ ଦେଖାଦେଇଛି ଓ ଏହାର ସଂକ୍ରମଣ ଦ୍ରୁତ ରହିଛି ବୋଲି ସେ ସୂଚନା ଦେଇ ଜନସାଧାରଣ କୋଭିଡ ଗାଇଡ ଲାଇନ୍‌କୁ ପାଳନ କରିବା ଉଚିତ୍ ବୋଲି କହିଛନ୍ତି।

### ଚନ୍ଦଲି ରାସ୍ତା କଡରୁ ନବଜାତ ଶିଶୁପୁତ୍ର ଉଦ୍ଧାର କଲେ ଦମ୍ପତି

**ଅମରପାଲି,୧୨।୪ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଘା ପଞ୍ଚାୟତ ଚନ୍ଦଲି ଗ୍ରାମର ରାସ୍ତା କଡରୁ ସୋମବାର ସକାଳେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ଭୋରରୁ କେହି ଉକ୍ତ ଶିଶୁପୁତ୍ରକୁ ଏଠାରେ ଛାଡି ଦେଇ ପଳାଇ ଯାଇଥିବା ଅନୁମାନ କରାଯାଉଛି । ପ୍ରକାଶ ଯେ, ଉଲୁଣ୍ଡା ବ୍ଲକ ମାଟଖାଇ ଗ୍ରାମର ପୀତବାସ ମେହେର ଓ ତାଙ୍କ ସ୍ତ୍ରୀ ସୁରୁସୁତା ସୁବଳୟା ଅଞ୍ଚଳକୁ ଉକ୍ତ ରାସ୍ତା ଦେଇ ଯାଉଥିଲେ । ରାସ୍ତା କଡରେ ଏକ ନବଜାତ ଶିଶୁ କାନ୍ଦୁଥିବା ଦେଖି ତାକୁ ଉଦ୍ଧାର କରିଥିଲେ । ଏହି ଶିଶୁକୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ସୂଚନା ମିଳିଛି । ଶିଶୁକୁ କିଏ ଓ କେଉଁ ପରିସ୍ଥିତିରେ ରାସ୍ତା କଡରେ ଛାଡି ଚାଲିଯାଇଛି ସେ ନେଇ ଚର୍ଚ୍ଚା ହେଉଛି ।

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ

**ନୂଆପଡ଼ା ଅଫିସ,୧୨।୪:** ସୋମବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନଲାଇନ ଜୁମ ବୈଠକ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବୈଠକ ସମ୍ବଲପୁରଠାରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କୋଭିଡ୍ ସଂକ୍ରମଣ ଦୃଷ୍ଟିରୁ ଶେଷରେ ବାତିଲ କରି ଅନଲାଇନ ଜୁମ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ରରେ ୧୮ ପ୍ରତିଶତ ଓ ବିଡିରେ ୨୮ ପ୍ରତିଶତ ଜିଏସଟି ଟିକସ ୩ ବର୍ଷ ହେଲା ଲାଗୁ ହେବା ଦ୍ୱାରା କେନ୍ଦୁପତ୍ର ବ୍ୟାବସାୟରେ ମାନ୍ଦାବସ୍ଥା ଉପୁଜୁଛି। ଏହାର ସିଧାସଳଖ ପ୍ରଭାବ ଗରିବ ପତ୍ରତୋଳାଳି ଓ ବିଡି ବନ୍ଧେଇ ଶ୍ରମିକମାନଙ୍କ ଉପରେ ପଡୁଛି। ଏହାର ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଗୋଚର କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥି ପାଇଁ ରେଞ୍ଜ ଓ ଡିଭିଜନସ୍ତରରେ ଜୋରଦାର ପ୍ରସ୍ତୁତି କରିବାକୁ ଆହ୍ୱାନ ଦିଆଯାଇଛି ବୋଲି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

### ଖଡ଼ିଆଳ ସହରରେ ବିଦ୍ୟୁତ୍, ପାନୀୟ ଜଳ ସଙ୍କଟ

**ଖଡିଆଳ, ୧୨।୪ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସହରରେ ଦେଖାଦେଇଛି ପାନୀୟ ଜଳ ଓ ବିଦ୍ୟୁତ୍ ସଙ୍କଟ। ଖଡିଆଳରେ ପାନୀୟ ଜଳ ପାଇଁ ସହରବାସୀ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଅନେକ ସମୟରେ ବିଦ୍ୟୁତ୍ ସଙ୍କଟ ସହିତ ଲୋ-ଭୋଲଟେଜ୍ ସମସ୍ୟା ଦେଖିବାକୁ ମିଳୁଛି। ସହରର କେତୋଟି ୱାର୍ଡ ଉପର ଅଞ୍ଚଳ ଥିବାରୁ ସେଠାକୁ ପିଏଚଡି ପାଣି ଯାଇପାରି ନାହିଁ ଏବଂ କେତୋଟି ୱାର୍ଡକୁ ଲୋୟ୍‌ଏର ଇନ୍ଦ୍ରରୁ ପାଣି ପହଞ୍ଚି ପାରୁନାହିଁ। ଫଳରେ ଖଡିଆଳର ୱାର୍ଡ ନମ୍ବର ୧, ୭, ୧୧, ୯ର ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଖଡିଆଳ ମହିଳା ସ୍ୱୟଂଶକ୍ତି ମହାସଂଘ ସଭାନେତ୍ରୀ ତଥା ଖଡିଆଳ ବିଜେଡି ସଭାନେତ୍ରୀ ମମତା ମଞ୍ଜରୀ ଥଙ୍ଗା ୱାର୍ଡ ନଂ. ୯,୧,୧୧,୧୦କୁ ବୁଲି ଦେଖି ଲୋକଙ୍କ ପାନୀୟ ଜଳ ସଙ୍କଟ ସମସ୍ୟା ଦେଖିଥିଲେ ଏବଂ ସ୍ଥାନୀୟ ପ୍ରଶାସନକୁ ଅବଗତ କରିଥିଲେ। ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ।

# ବାର୍ଷିକ ୬ଲକ୍ଷ ଟଙ୍କା ଭଡ଼ା ଦେବାକୁ ନିର୍ଦ୍ଦେଶ

**ସୋନପୁର,୧୨।୪(ନି.ପ୍ର.)**


ସୁବର୍ଣ୍ଣମେରୁଙ୍କ ଜମିରେ ନିର୍ମାଣ ହୋଇଥିବା ମାଣିକେଶ୍ୱରୀ ଫରେଷ୍ଟ ପାର୍କ।

ସୁବର୍ଣ୍ଣପୁର ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ୬ଏକର ଜମିକୁ ବେଆଇନଭାବେ ଜବରଦଖଲ କରି ପାର୍କ ନିର୍ମାଣ କରିବା ଘଟଣାରେ ଦେବୋତ୍ତର କମିଶନର ରାୟ ଶୁଣାଇଛନ୍ତି। ଦେବୋତ୍ତର ଜମିକୁ ଜବରଦଖଲ କରି ବ୍ୟବହାର କରୁଥିବାରୁ ୨୦୧୪ ମସିହାଠାରୁ ପ୍ରତିବର୍ଷ ୬ଲକ୍ଷ ଟଙ୍କା ଲେଖାଏ ଭଡା ଦେବାକୁ ଜିଲାପାଳଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ପାର୍କରେ ତାଲା ପକାଇବେ ବୋଲି ନିର୍ଦ୍ଦେଶ ରହିଛି।

ଦେବୋତ୍ତର ବିଭାଗ ଅଧୀନରେ ଥିବା ସୁବର୍ଣ୍ଣପୁର ସହରର ଏହି ରାସ୍ତା ପାର୍ଶ୍ୱଜମିକୁ ୨୦୧୪ରେ ରାଜ୍ୟ ସରକାର ଦଖଲ ନେଇଥିଲେ। ନ୍ୟାୟ ପାଇଁ ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର, ଶ୍ରଦ୍ଧାଳୁ ହରିଶଙ୍କର ପଣ୍ଡା, ସେବାୟତ ଗିରି ଗୋବର୍ଦ୍ଧନ ଥନାପତି ଓ କଣ୍ଟେଶ୍ୱର ପୂଜାରୀ ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିସନ ଦାଖଲ କରିଥିଲେ। ପିଟିସନରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ଦେବୋତ୍ତର କମିଶନର, ସୁବର୍ଣ୍ଣପୁର ଜିଲାପାଳ ଓ ସୋନପୁର ଉପଜିଲାପାଳଙ୍କୁ ପକ୍ଷ କରାଯାଇଥିଲା। ଶୁଣାଣି କରି ଉଚ୍ଚନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ବସିଥିବା ବେଞ୍ଚରେ ଗତ ଫେବୃୟାରୀ ୨୨ରେ ଦେବୋତ୍ତର କମିଶନରଙ୍କୁ ଅନ୍ତିମ ଶୁଣାଣି କରି ୨୮ଦିନ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଦେବୋତ୍ତର କମିଶନରଙ୍କ ଅଦାଲତ ସମସ୍ତ ପକ୍ଷଙ୍କୁ ଗତ ମାର୍ଚ୍ଚ ୧୫ତାରିଖରେ ପକ୍ଷ ରଖିବାକୁ ଜଣାଇଥିଲେ। ଆବେଦନକାରୀ ଗିରି ଗୋବର୍ଦ୍ଧନଙ୍କ ପକ୍ଷରୁ ହାଇକୋର୍ଟ ଓକିଲ ଅଭିଳାଶ ମିଶ୍ର ଓ ଅନ୍ୟତମ ଆବେଦନକାରୀ ଆଇନଜୀବୀ ପ୍ରମୋଦ ମହାପାତ୍ର ସୁବର୍ଣ୍ଣମେରୁଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ। ଦେବୋତ୍ତର କମିଶନରଙ୍କ ଅଦାଲତ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ବେଞ୍ଚର ରିଟ୍ ପିଟିସନ ଡବ୍ଲ୍ୟୁପି(ସି)୧୪୨୮୮/୨୦୧୪ର ଆଦେଶମତେ ଫେବୃୟାରୀ ୩୦ରେ ରାୟ ଦେଇଥିଲେ ଯେ, ସରକାରୀ ଏଜେନ୍ସି ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ଆଇନର ଉଲ୍ଲଂଘନ କରିଛନ୍ତି। ବେଆଇନଭାବେ ଠାକୁରଙ୍କ ଜମି ଜବରଦଖଲ କରାଯାଇଛି। ଜିଲାପାଳ ଅବା ସରକାର ବିଧି ବ୍ୟବସ୍ଥା ଅନୁସାରେ ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳଙ୍କ ଜରିଆରେ ଜମିର ମୂଲ୍ୟ ଦେଇ କିଣିବା କିମ୍ବା ଲିଜ୍‌ରେ ନେବା ପାଇଁ ଦେବୋତ୍ତର କମିଶନରଙ୍କ ନିକଟରୁ ଅନୁମତି ନେବା ଆବଶ୍ୟକ। ମାତ୍ର ଏଠାରେ ତାହା ଅନୁପାଳନ ହୋଇନାହିଁ। ଜବରଦଖଲ ଜମିରେ ପୂର୍ତ୍ତ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ନିର୍ମାଣ କାର୍ଯ୍ୟ କରାଯାଇଛି। ତେଣୁ ଅନୁମତିପ୍ରାପ୍ତ ହୋଇ ମୂଲ୍ୟ ଦେଇ ଜମି କିଣିବା କିମ୍ବା ଉକ୍ତ ଜମି ବ୍ୟବହାର ପାଇଁ ଜିଲାପାଳ ଦେବୋତ୍ତର ଅଧିକାରୀ ଉପଜିଲାପାଳଙ୍କ ସହ ଲିଜ୍ ଚୁକ୍ତିନାମା କରିପାରିବେ। ସେ ପର୍ଯ୍ୟନ୍ତ ଉକ୍ତ ୬ଏକର ଜମି ବେଆଇନ ଭାବେ ଜବରଦଖଲ କରି ବ୍ୟବହାର କରୁଥିବାରୁ ଜିଲାପାଳ ବାର୍ଷିକ ୬ଲକ୍ଷ ଟଙ୍କା ଲେଖାଏ ଭଡା ଦେବେ। ଉକ୍ତ ଟଙ୍କା ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଜିଲାପାଳଙ୍କଠାରୁ ଅସୁଲି କରି ସୁବର୍ଣ୍ଣମେରୁଙ୍କ ନାମରେ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲି ଜମା କରିବେ। ଜମା ଟଙ୍କାରୁ ମିଳୁଥିବା ସୁଧ ରାଶିରେ ସୁବର୍ଣ୍ଣମେରୁଙ୍କ ସେବା ପୂଜା ଓ ଉନ୍ନୟନ କାର୍ଯ୍ୟରେ ହିଁ କେବଳ ବ୍ୟବହୃତ ହେବ। ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆବେଦନକାରୀ ପ୍ରମୋଦ ମହାପାତ୍ର, ଗିରି ଗୋବର୍ଦ୍ଧନ ଥନାପତି ଓ ସେବାୟତ କଣ୍ଟେଶ୍ୱର ପୂଜାରୀ ଉପସ୍ଥିତ ରହି ରାୟ ସମ୍ପର୍କରେ ସୂଚନା ଦେଇଛନ୍ତି।

**ଦେବୋତ୍ତର ଜମିରେ ବେଆଇନ ପାର୍କ ନିର୍ମାଣ**

## ଭାଙ୍ଗିଦେଲେ, ଗଢ଼ିବାକୁ ଭୁଲିଗଲେ

**ଜହ୍ନାପଙ୍କ,୧୨।୪(ଡି.ଏନ.ଏ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମ ବଡଦାଣ୍ଡରେ ୧୯୯୦ରେ ଏକ ମଣ୍ଡପରେ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଦୁଇ ବର୍ଷ ତଳେ ଏହି ମଣ୍ଡପର ଦୁଇଟି ପିଲରର କଂକ୍ରିଟ ଛଡଗୁଡିକ ଦେଖାଯାଉଥିଲା। ଏ ନେଇ ଗତ ଅଗଷ୍ଟ ୩ରେ ବିଭିନ୍ନ ଗଣମାଧ୍ୟମରେ କେବଳ ଜୟନ୍ତୀରେ ମନେପଡନ୍ତି ଗଙ୍ଗାଧର ମେହେର ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହାପରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର, ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ହିମାଂଶୁ ଶେଖର ସାହୁ, କିଶୋରୀ ମେହେର ପ୍ରମୁଖଙ୍କ ଉପସ୍ଥିତରେ ମଣ୍ଡପକୁ ଭାଙ୍ଗି ନୂତନ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ କରାଗଲା। ୮ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏହି ମଣ୍ଡପ ନିର୍ମାଣ ଦିଗରେ କାହାରି ଆନ୍ତରିକତା ନ ଥିବା ମନେ ହେଉଛି । ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ଗ୍ରାମ୍ୟ ବିକାଶ ପରିଷଦର ସଭାପତି ସୁଧାଂଶୁ ଶେଖର ମିଶ୍ର ଜଣାଇଛନ୍ତି ।

## ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ସଂଘ ସଦସ୍ୟ।

**ନୂଆପଡ଼ା ଅଫିସ,୧୨।୪**

ନୂଆପଡା ଜିଲା ସିନାପଲି ବ୍ଲକ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ସଂଘ ନେତୃତ୍ୱରେ ସୋମବାର ଜଙ୍ଗଲ ଅଧିକାର ଆଇନ ୨୦୦୬ ର କାର୍ଯ୍ୟ କରିବା ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିନାପଲି ବିଡିଓଙ୍କ ଜରିଆରେ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆଇନ କାର୍ଯ୍ୟକାରିତା ନେଇ ଗତବର୍ଷ ଫେବୃୟାରୀରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୧୮ ଦିନ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତିର ଗୋଟିଏ ବର୍ଷ ପରେ ମଧ କାର୍ଯ୍ୟକାରୀ ହୋଇନାହିଁ। ସମସ୍ତ ଗାଁକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରଦାନ, ଛୋଟ ଜଙ୍ଗଲଗାଁକୁ ରାଜସ୍ୱ ଗାଁ ମାନ୍ୟତା, ସମସ୍ତ ଆବେଦନକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଏବଂ ଆଇନର ନୋଡାଲ ଏଜେନ୍ସି ଜିଲା ମଙ୍ଗଳ ବିଭାଗ ଓ ବନ ବିଭାଗର ମିଳିତ ବୈଠକ ଡାକି ଆଇନ ପ୍ରଗତି ସମ୍ପର୍କରେ ଆଲୋଚନା କରାଯାଉ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ମେଘନାଦ ଖର୍ସେଲ, ଖୁଟୁରାମ ସୁନାନୀ, ଯୁଜିଷ୍ଠୀର ମାଝି, ହନୁରାମ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଗୋଟିଏ ପରିବାରର ୫ଜଣଙ୍କୁ ମରଣାନ୍ତକ ଆକ୍ରମଣ

**ଡୁଙ୍ଗୁରିପାଲି/ବିନିକା, ୧୨।୪ (ଡି.ଏନ.ଏ.)**

**ପ୍ରେମ ସମ୍ପର୍କକୁ ନେଇ ଆକ୍ରମଣ କରାଯାଇଥିବା ସନ୍ଦେହ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଛିପୁର ଫାଣ୍ଡି ଅଧୀନ ଶିଆଳି ଗ୍ରାମରେ ସୋମବାର ପୂର୍ବାହ୍ନରେ ଗୋଟିଏ ପରିବାରର ୫ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆହତମାନେ ହେଲେ ଅଶ୍ୱିନୀ ବାଗ (୩୩), ରୋହିତ ନିଆଳି (୪୦) ଓ ତାଙ୍କ ସ୍ତ୍ରୀ ହିମାଦ୍ରି (୩୫), ସାଇ ନିଆଳି (୫୫) ଓ ତାଙ୍କ ସ୍ତ୍ରୀ ଅପସରି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପ୍ରେମ ସମ୍ପର୍କକୁ ନେଇ ଏହି ଘଟଣା ଘଟିଥିବା କୁହାଯାଉଛି। ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ଘର ଆଗରେ ପୋଲିସ ମୃତୟନ କରାଯାଇଛି। ପ୍ରକାଶ ଯେ, ଶିଆଳି ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ଗତ ୨ ମାସ ତଳୁ କେଉଁଆଡେ ନିଖୋଜ ହୋଇ ଯାଇଛନ୍ତି। ସେହି ଗ୍ରାମର ସତ ନିଆଳଙ୍କ ପୁଅ ମଧ ଘରେ ଗତ କିଛି ଦିନ ହେବ ରହୁ ନାହାନ୍ତି। ତେବେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଓ ଦୁହେଁ ଫେରାର ହୋଇ ଯାଇଥିବା ଯୁବତୀଙ୍କ ପରିବାର ଲୋକେ ସନ୍ଦେହ କରି ଆସୁଥିଲେ । ସୋମବାର ସମ୍ପୃକ୍ତ ଯୁବକଙ୍କ ଭିଣୋଇ ଅଶ୍ୱିନୀ ନିଜର ଜଣେ ବନ୍ଧୁଙ୍କ ସହ ବାଇକରେ ଶ୍ୱଶୁର ଘର ଗାଁ ଶିଆଳିକୁ ଆସୁଥିଲେ । ସୂଚନା ପାଇ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଯୁବତୀଙ୍କ ପିତା ଓ ତାଙ୍କ ପରିବାରବର୍ଗ ବାବୁପାଲି ଓ ଶିଆଳି ରାସ୍ତା ମଝିରେ ଗାଡି ଅଟକାଇ ଅଶ୍ୱିନୀଙ୍କ ମୁଣ୍ଡକୁ ଟାଙ୍ଗିଆରେ ଚୋଟ ମାରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ରାମପୁର ଓ ପରେ ଡୁଙ୍ଗୁରିପାଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ ଯୁବତୀଙ୍କ ପରିବାରବର୍ଗ। ସେମାନେ ପୁଣି ଯୁବକଙ୍କ ଘରକୁ ଯାଇ ତାଙ୍କୁ ଖୋଜିଥିଲେ। ତାଙ୍କୁ ନ ପାଇ ପରବାରର ରୋହିତ, ହିମାଦ୍ରୀ, ସାଇ ଓ ଅପସରିଙ୍କୁ ଟାଙ୍ଗିଆରେ ହାଣି ଫେରାର ହୋଇ ଯାଇଥିଲେ। ପଡୋଶୀ ଚିତ୍କାର ଶୁଣି ଆହତମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଏ ନେଇ ଯୁବକଙ୍କ ପରିବାର ପକ୍ଷରୁ ଲଛିପୁର ଫାଣ୍ଡିରେ ଅଭିଯୋଗ ହୋଇଛି।

## ଜୁନାଗଡ଼ ଶିକ୍ଷା ବିଭାଗ: ୮ ନୂତନ ସିଆର୍‌ସିସିଙ୍କ ଯୋଗଦାନ

**ଜୁନାଗଡ,୧୨।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ ସୋମବାର ନୂତନ ଭାବେ ୮ ଜଣ ସିଆରସିସି ଯୋଗଦାନ କରିଛନ୍ତି। ସେମାନଙ୍କୁ ହରିପୁର ପ୍ରାଥମିକ ଶିକ୍ଷକ ସଂଘ ଓ ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ସିଆରସିସି ମଧ୍ୟରେ ବଣିଜରା କ୍ଲଷ୍ଟର ପାଇଁ ରାଜେଶ କୁମାର ସେଟ୍, ଚିଟୈଗୁଡା ଗଗନେଶ୍ୱର ରଣା ଛୋରିଆଗଡ ଲକ୍ଷ୍ମୀକାନ୍ତ ସିଂ, ମହିଚଲା ଗୋଦାବରୀଶ ପଣ୍ଡା, ଚାରବାହାଲ ଉମେଶଚନ୍ଦ୍ର ନାଏକ, ହାବସପୁର ଦୃଣ ସୁନାନୀ, ବାଙ୍କପଲାସ ଭୁବନେଶ୍ୱର ତାଣ୍ଡି ଓ ନାନ୍ଦୋଲ ପାଇଁ ମୁକୁନ୍ଦ ନାଏକ ପ୍ରମୁଖ ରହିଛନ୍ତି। ସମ୍ବର୍ଦ୍ଧନା ସଭାରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି, ବିଆରସିସି କୁଳମଣି ମାଝି, ହରିପୁର ପ୍ରାଥମିକ ଶିକ୍ଷକ ସଂଘ ଜୁନାଗଡ ବ୍ଲକ ସଭାପତି ସରୋଜ କୁମାର ପଣ୍ଡା, ପୂର୍ବତନ ସିଆରସିସି ଫାଲଗୁନି ନାଏକ, ସୂର୍ଯ୍ୟନାରାୟଣ ଠାକୁର, ପ୍ରଭୁଦତ୍ତ ନାଏକ, ନରେଶ ସାହୁ, ବିଜୟ କୁମାର ଶର୍ମା, ମନୋଜ ସାହୁ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କୋକସରା, ୧୨।୪ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କା ଘର ଫଳକ ଲାଗୁଥିବା ନେଇ ସୋମବାର କଳାହାଣ୍ଡି ଜିଲା କୋକସରା ଭାଜପା ପକ୍ଷରୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ ଓ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓ ମନିଷା ଦାସଙ୍କୁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଭାଜପା ଏହାକୁ ଦୃଢ ଭାବେ ନିନ୍ଦା କରି ଏଥିପ୍ରତି ଧ୍ୟାନ ନ ଦେଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ଭାଜପା ସମ୍ପାଦକ ଗୋଦାବରିଶ ପାତ୍ର, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ମଧୁବନ ପାତ୍ର, କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଘନଶ୍ୟାମ ନାଏକ, ଦୈତାରୀ ବାଗିକ ପ୍ରମୁଖ ଉପସ୍ଥିତ ଥିଲେ।

## ତେଜୁଛି ଘରୋଇ ବସ୍ ମାଲିକ ସଂଘ ବିବାଦ

**ବରଗଡ଼ ଅଫିସ୍,୧୨।୪**


ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିବା ବସ ମାଲିକ ସଂଘର କର୍ମକର୍ତ୍ତାବୃନ୍ଦ ।

ବରଗଡ଼ ଓ ସମ୍ବଲପୁର ଘରୋଇ ବସ୍ ସଂଘ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏ ନେଇ ସୋମବାର ବରଗଡ଼ ଜିଲା ଘରୋଇ ବସ୍ ମାଲିକ ସଂଘ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ବରଗଡ଼ ବସ୍ ମାଲିକ ସଂଘର ସଭାପତି ଭୀଷ୍ମଦେବ ଦୋରା, ସମ୍ପାଦକ ସେକ୍ ନଜିମୁଦ୍ଦିନ, ଉପସଭାପତି ମହମ୍ମଦ ଇଦ୍ରିସ, ସହ ସମ୍ପାଦକ ସୁନୀଲ ଦାଶ, କୋଷାଧ୍ୟକ୍ଷ ଉମାଶଙ୍କର ପଟ୍ଟନାୟକ, ଉପଦେଷ୍ଟା ପୂରନ ଶର୍ମା, ସରୋଜ ମହାପାତ୍ର, ନିଲୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ସମ୍ବଲପୁର ବସ୍‌ଷ୍ଟାଣ୍ଡରେ ବରଗଡ଼ ବସ୍‌ର ଯାତ୍ରୀଙ୍କୁ ବସାଇ ଦେଉ ନାହାନ୍ତି ଏବଂ ବସ୍‌କୁ ଖାଲି କରି ପଠାଇ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସମ୍ବଲପୁର ଘରୋଇ ବସ ସଂଘର ସଭାପତି ସୁବ୍ରତ ପାଣିଗ୍ରାହୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ପାଲଟା ଅଭିଯୋଗ କରିଛନ୍ତି । ବରଗଡ଼ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ପ୍ରଥମେ ସମ୍ବଲପୁର ବସ୍ ଗୁଡ଼ିକରୁ ଯାତ୍ରୀ ଖାଲି କରିବା ଆରମ୍ଭ କରିଥିଲେ ଏବଂ ସମ୍ବଲପୁର ଆସି ଉଭୟ ସଂଘ ମଧ୍ୟରେ ଆପୋଷ ସମାଧାନ ପାଇଁ ଡାକିଲେ ସୁଦ୍ଧା ଆସୁ ନ ଥିବା ସେ କହିଛନ୍ତି। ତେବେ ବରଗଡ଼ ବସ୍ ମାଲିକ ସଂଘ ଏହି ଅଭିଯୋଗକୁ ଖଣ୍ଡନ କରିଛି ଏବଂ ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ପ୍ରଶାସନକୁ ନିବେଦନ କରିଛି। ନଚେତ୍ ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ସେଭଳି କାର୍ଯ୍ୟକଳାପ ପ୍ରତିବାଦରେ ଆସନ୍ତା ୧୪ତାରିଖରୁ ବରଗଡ଼ରୁ ସମ୍ବଲପୁରକୁ ବସ୍ ଚଳାଚଳ ବନ୍ଦ କରିବା ସହିତ ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡରେ ଧାରଣା ଦେବ ବୋଲି କହିଛି। ବରଗଡ଼ ଆସି ଏହି ସମସ୍ୟାର ସମାଧାନ ପାଇଁ ଗତ ୧୦ତାରିଖରେ ଲିଖିତ ଭାବେ ଅନୁରୋଧ କରାଯାଇଛି। କିନ୍ତୁ ସମ୍ବଲପୁର ବସ୍ ମାଲିକ ସଂଘ ତାକୁ ଗୁରୁତ୍ୱ ନ ଦେଇ ବରଗଡ଼ରୁ ଯାଉଥିବା ଲାଇନ୍ ବସ୍ ଗୁଡ଼ିକୁ ନିର୍ଦ୍ଧାରିତ ସମୟର ୨ଘଣ୍ଟା ପରେ ସମ୍ବଲପୁରରୁ ଛାଡୁଛି ବୋଲି ବରଗଡ଼ ସଂଘ ଅଭିଯୋଗ କରିଛି। ଅପରପକ୍ଷେ ବରଗଡ଼ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ସମ୍ବଲପୁରର ବସ ଗୁଡ଼ିକୁ କଳାପାଣି ପର୍ଯ୍ୟନ୍ତ ଖାଲି କରି ପଠାଉଛନ୍ତି ଏବଂ ସମ୍ବଲପୁର ଆସି ତାର ସମାଧାନ ପାଇଁ କହିବା ସତ୍ତ୍ୱେ ସେଥିରେ ଏକମତ ହେଉ ନାହାନ୍ତି ବୋଲି ସମ୍ବଲପୁର ବସ୍ ମାଲିକ ସଂଘର ସଭାପତି ପାଣିଗ୍ରାହୀ କହିଛନ୍ତି।

**ବରଗଡ଼ ଜିଲାପାଳଙ୍କୁ ଫେରାଦ**

DADLS-01




୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ
ତା.୧୩.୦୪.୨୦୨୧

ସକାଳ ୮ ଘଟିକା : ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି – **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନିତ ଅତିଥି– **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ
ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**
ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା
ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ
ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ ।
Zoom Link : https://us02web.zoom.us/j/87105986093

## ଦୁର୍ଘଟଣା ଯୋଗୁ ଟ୍ରାଫିକ୍ ଜାମ୍

ବାଉଁଶୁଣୀ,(ଡି.ଏନ.ଏ.): ୫୭ ନଂ. ଜାତୀୟ ରାଜପଥର ବାଉଁଶୁଣୀ ଛକ ଦେଇ ଯାଉଥିବା ଏକ କାର୍‌କୁ ପଛରୁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ସେଠାରେ ୨୦ ମିନିଟ୍ ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ବାଉଁଶୁଣୀ ଛକ ନିକଟରେ ବୌଦ୍ଧ ପଟରୁ ମନମୁଣ୍ଡା ଆଡକୁ ଏକ କାର୍ (ନଂ.ଓଡି୦୨ଏକେ/୬୯୩୨) ଯାଉଥିଲା। ଏହି ସମୟରେ ଏକ ବୋଲେରୋ (ନଂ.ଓଡି୨୭ବି/୫୫୬୭) ଉକ୍ତ କାର୍‌କୁ ପଛରୁ ଧକ୍କା ଦେଇଥିଲା। ଉଭୟ ଗାଡିର ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

## ସଂକ୍ଷେପରେ

### ବୌଦ୍ଧରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି

ବୌଦ୍ଧ,୧୨।୪(ସ୍ୱ.ପ୍ର.): ବୌଦ୍ଧ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ ଏପର୍ଯ୍ୟନ୍ତ ୭୯,୧୦୬ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୭୮,୭୦୮ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି। ସେମାନଙ୍କ ମଧ୍ୟରୁ ୨୬୯୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲା ବାହାରେ ପରୀକ୍ଷା କରାଇ ୧୪୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସମୁଦାୟ ପଜିଟିଭ ସଂଖ୍ୟା ୨୮୩୩ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୨୮୧୫ ଜଣ ସୁସ୍ଥ ହୋଇ ସାରିଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ଭାବରେ ରେକର୍ଡ ହୋଇଛି। ବର୍ତ୍ତମାନ ୭ ଜଣ ପଜିଟିଭ୍ ଚିକିତ୍ସାଧୀନ ଥିବା ଜଣାଯାଇଛି। ଜିଲାରେ ସୋମବାର ୫ ଜଣ ନୂତନ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବୌଦ୍ଧ ସହରରୁ ୩ ଜଣ ଏବଂ ପୁରୁଣାକଟକ ଓ ଚାରିଛକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ପକ୍ଷରୁ ମାସ୍କ ସଚେତନତା କାର୍ଯ୍ୟକ୍ରମକୁ କଡାକଡି ଭାବରେ ପାଳନ କରାଯିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଦୈନିକ ବଜାର, ବସଷ୍ଟାଣ୍ଡ, ବ୍ୟାଙ୍କ ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ଓ ସରକାରୀ କାର୍ଯ୍ୟାଳୟଗୁଡିକରେ ମାସ୍କ ବ୍ୟବହାରକୁ ବାଧତାମୂଳକ କରାଯାଇଛି।

### କାମକୁ ଆସୁନି କୀଟନାଶକ

ଅତାବିରା,୧୨।୪ (ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ରବି ଧାନ ଫସଲ ହୋଇଛି। କେତେଜଣ ଚାଷୀଙ୍କ ଧାନ ଗର୍ଭାବସ୍ଥାରେ ଥିବା ବେଳେ ଆଉ କେତେଜଣଙ୍କ ଧାନ ବାହାରି ପାଚିଲା ଅବସ୍ଥାରେ ରହିଛି। ଧାନ ଅମଳ ଆରମ୍ଭ ହେବା ପୂର୍ବରୁ ଧାନ ଗଛ କାଣ୍ଡଗୁଡିକରେ ଚକଡା ପୋକ ଦେଖାଗଲେଣି। କାଣ୍ଡବିନ୍ଧା ପୋକଙ୍କ ମଧ୍ୟ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଚାଷୀମାନେ ବିଭିନ୍ନ କମ୍ପାନୀର କୀଟନାଶକ ପ୍ରୟୋଗ କଲେ ମଧ କାମକୁ ଆସୁନାହିଁ। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

### ବରପାଲି ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି

ବରପାଲି, ୧୨।୪ (ଡି.ଏନ.ଏ.): ଚଳିତ ବର୍ଷ ହେବାକୁ ଥିବା ୧୪୪ତମ ବରପାଲି ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୃପରାଜ କ୍ଲବ ପରିସରରେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଶିବ ବନ୍ଦନା ପୂର୍ବକ ଦିବଂଗତ ସଦସ୍ୟଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ଜୟନ୍ତ ତ୍ରିପାଠୀ ଗତବର୍ଷର ବିବରଣୀ ପାଠ କରିଥିଲେ। ଯାତ୍ରା ଉପରେ ଆଧାରିତ ରୁଦ୍ରଜ୍ୟୋତି ପ୍ରକାଶନ ଓ ଯାତ୍ରାକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଆଲୋଚନା ହୋଇଥିଲା। ଏଥର ହିମାଦ୍ରି ନଗରବାସୀ କନ୍ୟାପକ୍ଷ ତିଳକ ପ୍ରଦାନ କରିଥିଲେ। ବୈଠକରେ ଯାତ୍ରା କମିଟି, ପାର୍ବତୀ କମିଟି, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ।

# ନିଜ ଉଦ୍ୟମରେ ଚାଷ କଲେ ପଞ୍ଜୀକରଣ ହେଉନି

- ଜିଲାପାଳଙ୍କୁ ଅଭିଯୋଗ କଲେ ଚାଷୀ
- ନଦୀ ଜଳରେ ରବିଚାଷ କରି ଅଡୁଆରେ ଚାଷୀ
- ଚାଷୀଙ୍କୁ ଫେରାଇ ଦେଲେ କୁଠୁର୍ଲା ପ୍ୟାକ୍ସ ସମ୍ପାଦକ

ବଲାଙ୍ଗୀର ଅଫିସ, ୧୨।୪


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା କୁଠୁର୍ଲା ପ୍ୟାକ୍ସର ଚାଷୀମାନେ।

ବଲାଙ୍ଗୀର ଜିଲାରେ ଜଳସେଚନ ହାର ଢେ଼ରକମ୍ କାରଣରୁ ଚାଷୀକୁଳ କ୍ରମାଗତ ମରୁଡିର ଶିକାର ହୋଇଥାନ୍ତି। ଏଭଳି ପରିସ୍ଥିତିରେ ଚାଷୀମାନେ ବହୁ ପରିଶ୍ରମ କରି ଚାଷକାର୍ଯ୍ୟ କରିଥାନ୍ତି। ପରିଶ୍ରମୀ ଚାଷୀ ପୁରସ୍କାର ପାଇବାକୁ ହକ୍‌ଦାର ଥିବାବେଳେ ସେମାନେ ସରକାରଙ୍କ ବିଚିତ୍ର ନିୟମ ଯୋଗୁଁ ହଇରାଣ ହେଉଛନ୍ତି। ଏଭଳି ଏକ ଅଭିଯୋଗ ନେଇ ଦେଓଗାଁ ବ୍ଲକ କୁଠୁର୍ଲା ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ବିଭିନ୍ନ ଗାଁର ଚାଷୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଚାଷୀମାନେ ନିଜ ଉଦ୍ୟମରେ ନଦୀଜଳ ବ୍ୟବହାର କରି ଚାଷ କରିଥିବାରୁ ସେମାନଙ୍କ ନାମ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ପ୍ୟାକ୍ସ ସମ୍ପାଦକ ଫେରାଇ ଦେଉଥିବା ଅଭିଯୋଗ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଚାଷୀମାନେ ଦର୍ଶାଇଛନ୍ତି ଯେ, ସୋନ୍‌ଗଡ ନଦୀ ଓ ବାଉରୀ ଯୋରରୁ କୁଠୁର୍ଲା, ନାରାୟଣପୁର, ଭୁଡିଆରବାହାଲ ଓ ଅନ୍ୟ ଗାଁର ଚାଷୀମାନେ ନିଜସ୍ୱ ଉଦ୍ୟମରେ ପାଣି ଉଠାଇ ପ୍ରାୟ ୧୦୦ଏକର ରବିଧାନ ଚାଷ କରିଛନ୍ତି। ଏବେ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କ ପଞ୍ଜୀକରଣ ଚାଲିଛି। ରବିଧାନ ଚାଷ କରିଥିବା ଉପରୋକ୍ତ ଗାଁର ଚାଷୀମାନେ ପଞ୍ଜୀକରଣ ପାଇଁ କୁଠୁର୍ଲା ପ୍ୟାକ୍ସକୁ ଯାଇଥିଲେ। ତେବେ ସେମାନେ ଯେଭଳି ପାଣି ଉଠାଇ ଚାଷୀ କରିଛନ୍ତି ତାହା ସରକାରୀ ପଞ୍ଜୀକରଣ ଗାଇଡଲାଇନ୍‌ରେ ନଥିବାରୁ ସେମାନଙ୍କ ପଞ୍ଜୀକରଣ ହୋଇପାରିବନାହିଁ ବୋଲି କୁଆଡେ ପ୍ୟାକ୍ସ ସମ୍ପାଦକ କହିଥିଲେ। ଏହାପରେ ନାରାୟଣପୁରର ମୁନୁ ମାଝି, କୁଠୁର୍ଲାର ସୁବାସ ପଧାନ, ଅଭି ଖମାରୀ ଓ ଭୁଡିଆରବାହାଲର ଶିବପ୍ରସାଦ ସାହୁ ଜିଲାପାଳ କାର୍ଯ୍ୟାଳୟକୁ ଆସି ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି। ସୋନଗଡ ନଦୀରେ ଉଠା ଜଳସେଚନ ବ୍ୟବସ୍ଥା ନଥିବା ସତ୍ତ୍ୱେ ଚାଷୀମାନେ ବ୍ୟକ୍ତିଗତ ଉଦ୍ୟମରେ ଧାନ ଚାଷ କରିଛନ୍ତି। ଏବେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କ ପଞ୍ଜୀକରଣ ହୋଇପାରୁ ନ ଥିବାରୁ ଚିନ୍ତାରେ ପଡିଛନ୍ତି। ଏନେଇ ବଲାଙ୍ଗୀର ଉପନିବନ୍ଧକ ସମବାୟ ସମୂହ (ଏଆରସିଏସ୍) ଅନନ୍ତ କୁମାର ନାୟକଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁସାରେ ଚାଷୀମାନେ କେଉଁ ମାଧ୍ୟମରେ ଜଳସେଚନ କରି ରବିଚାଷ କରିଛନ୍ତି ତାକୁ ଉଲ୍ଲେଖ କରିବାକୁ ପଡିବ। ଏଥିପାଇଁ ତିନୋଟି ବର୍ଗ କେନାଲ, ଉଠା ଜଳସେଚନ ବା ଗଭୀର ନଳକୂପ ରହିଛି। ତଥାପି ଆମେ ଏକ ସର୍ବେକ୍ଷଣ ଟିମ୍ ପଠାଇଛୁ। ସେମାନଙ୍କ ରିପୋର୍ଟକୁ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ଓ ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ତାକୁ କାର୍ଯ୍ୟକାରୀ କରାଯିବ ବୋଲି ଏଆରସିଏସ୍ ନାଏକ କହିଛନ୍ତି।

# ଔଷଧୀୟ ବୃକ୍ଷ ଉଦ୍ୟାନରେ ଯୋଗାଭ୍ୟାସ


ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର।

**ନିଆରା ଡାକ୍ତରଖାନା ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର**

ବଲାଙ୍ଗୀର ଅଫିସ, ୧୨।୪

ଆଜି ବି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଏକ ଅବହେଳିତ କ୍ଷେତ୍ରଭାବେ ରହିଆସିଛି। ଏପରି କି ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ସହରମୁହାଁ ହୋଇ ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି। ଗ୍ରାମାଞ୍ଚଳର ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବନିମ୍ନ ଚିକିତ୍ସା ସେବା ମିଳୁ ନ ଥିବାରୁ ଲୋକେ ଦୂର ସହରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସମସ୍ୟାକୁ ଆଖିଆଗରେ ରଖି ୨୦୧୭ରେ ଆୟୁଷ୍ମାନ ଭାରତ ଯୋଜନାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ କେବଳ ଚିକିତ୍ସାଳୟ ଭାବେ ବ୍ୟବହାର ନ କରି ଏହାକୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭାବେ ଘୋଷଣା କରାଯାଇଥିଲା। ତେବେ ଅନେକ ସ୍ଥାନରେ ଚିତ୍ର ବଦଳି ନ ଥିଲେ ମଧ୍ୟ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁରଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଚର୍ଚ୍ଚାର ପରିସରକୁ ଆସିଛି। ଜଣେ ଆୟୁଷ ଡାକ୍ତର ଓ ତାଙ୍କ ସହକର୍ମୀମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆଦର୍ଶ ଡାକ୍ତରଖାନାରେ ପରିଗଣିତ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଡାକ୍ତରଖାନାକୁ ପଶିଲେ ପାର୍କ ଭଳି ମନେହେବ। ଗୋଟିଏ ପଟେ ଔଷଧୀୟ ବୃକ୍ଷ ଉଦ୍ୟାନ ରହିଥିବାବେଳେ ଏହାକୁ ଲାଗି ରହିଛି ଯୋଗାଭ୍ୟାସ ଲନ୍। ଏଠାରେ ଲୋକଙ୍କୁ ଔଷଧୀୟ ବୃକ୍ଷ ସମ୍ପର୍କରେ ସୂଚନା ମିଳିପାରିବ। କେଉଁ ଔଷଧୀୟ ବୃକ୍ଷ କେଉଁ ରୋଗକୁ ଉପଶମ କରେ ତାକୁ ଜିଜ୍ଞାସୁମାନେ ଜାଣିପାରିବେ। ଯୋଗାଭ୍ୟାସ ଲନ୍‌ରେ ରୋଗୀମାନେ ଯୋଗ ମଧ୍ୟ କରିପାରିବେ। ସୁସ୍ଥ ରହିବା ପାଇଁ ଯୋଗାଭ୍ୟାସର ଆବଶ୍ୟକତାକୁ ଏଠାରେ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଉଛି। ଜଣେ ଯୋଗ ତାଲିମଦାତା ମଧ୍ୟ ରହିଛନ୍ତି। ଡାକ୍ତରଖାନା ପରିବେଶକୁ ସ୍ୱଚ୍ଛ ଓ ବିକାରମୁକ୍ତ କରିବାକୁ ଚେଷ୍ଟା କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଗମ କରିବା ପାଇଁ ହସ୍ପିଟାଲ ପରିସରରେ ବର୍ଜ୍ୟବସ୍ତୁ ପ୍ରଶମନ ଗୃହ ନିର୍ମାଣ କରାଯାଇଛି। ପାଚେରିରେ ସୁନ୍ଦର ଚିତ୍ର ସବୁ ଅଙ୍କନ କରାଯାଇଛି, ଯାହାକି ପାର୍କର ଭ୍ରମ ସୃଷ୍ଟି କରୁଛି। ଔଷଧ ବିତରଣ କେନ୍ଦ୍ରରେ ଉପଲବ୍ଧ ଥିବା ଔଷଧ ଚିଠା ଲଗାଯାଇଛି। ଭିନ୍ନକ୍ଷମ ରୋଗୀଙ୍କ ପାଇଁ ଏକ ର୍ୟାମ୍ପ ନିର୍ମାଣ କରାଯାଇଛି। ଏହି ଡାକ୍ତରଖାନାରେ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତ ହେବା କଥା, ମାତ୍ର ତାଙ୍କ ପଦବୀ ଖାଲି ପଡିଛି। ତେବେ ଏଠାରେ ଅବସ୍ଥାପିତ ଆୟୁଷ ଡାକ୍ତର ଲଳିତ କୁମାର ସାହୁଙ୍କ ଉଦ୍ୟମରେ ଏହି ଡାକ୍ତରଖାନା ବହୁ ଦିଗରୁ ତା'ର କାୟା ପରିବର୍ତ୍ତନ ଘଟିଛି। ଜିଲା ସଦର ମହକୁମାଠାରୁ ପ୍ରାୟ ୪୦କିଲୋମିଟର ଦୂରରେ ଥିବା ଏହି ଡାକ୍ତରଖାନାରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ଏହାକୁ ଏକ ସଫଳ ଆରୋଗ୍ୟ କେନ୍ଦ୍ର ଭାବେ ଗଢ଼ାଯିବାର ଉଦ୍ୟମ ଜାରି ରହିଛି ବୋଲି ଡା. ସାହୁ କହିଛନ୍ତି।

# ବିକାଶରେ ହେବ ମେଦ ବହୁଳତା ଅସ୍ତ୍ରୋପଚାର



ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା ସୂଚନା ଦେଉଛନ୍ତି।

ବରଗଡ଼ ଅଫିସ୍,୧୨।୪

ବରଗଡ଼ର ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ମେଦ ବହୁଳତା ଅସ୍ତ୍ରୋପଚାର (ବେରିୟଟ୍ରିକ ସର୍ଜରୀ) ଆରମ୍ଭ ହେବ ଏବଂ ଏହି ସ୍ୱାସ୍ଥ୍ୟସେବା ପଶ୍ଚିମ ଓଡ଼ିଶାରେ ପ୍ରଥମ ବୋଲି ସୋମବାର ବିକାଶ ଅଡ଼ିଟୋରିୟମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କାକିନାଡ଼ାର ଇନୋଦୟ ହସ୍ପିଟାଲ ସହଯୋଗରେ ହେବାକୁ ଯାଉଥିବା ଏହି ପ୍ରକ୍ରିୟାରେ ଇନୋଦୟ ହସ୍ପିଟାଲର ଚେୟାରମ୍ୟାନ ତଥା ଆଡ଼ଭାନ୍ସଡ୍ ଲେପ୍ରୋସ୍କୋପିକ୍ସ ସର୍ଜନ ଡା. ଜି. ରାମମୋହନ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ତାଙ୍କୁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ଜେନେରାଲ ଓ ଆଡଭାନ୍ସଡ୍ ଲେପ୍ରୋସ୍କୋପିକ୍ସ ସର୍ଜନ ଡା. ସୁଶାନ୍ତ ମେହେର, ଡା. ଭି. ସତିବାବୁ ସହଯୋଗ କରିବେ ବୋଲି ଚେୟାରମ୍ୟାନ କ୍ରୀଷ୍ଣା ସୂଚନା ଦେଇଥିଲେ।

ସେହିପରି ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ କ୍ୟାନସର ରୋଗୀଙ୍କ ଚିକିତ୍ସା ମଧ୍ୟ ଉପଲବ୍ଧ ହେବ। ଏଥିପାଇଁ କ୍ୟାନସର ବିଶେଷଜ୍ଞ ଡା. ଭରତ ଚନ୍ଦ୍ର ମିଶ୍ର ଇତିମଧ୍ୟରେ ଯୋଗଦାନ କରିସାରିଥିବାବେଳେ ଖୁବ୍‌ଶୀଘ୍ର କେମୋଥେରାପି ସେବା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟପଟେ ଉକ୍ତ ହସ୍ପିଟାଲରେ ଅର୍ଥରୋସ୍କୋପିକ ସର୍ଜରୀ ଆରମ୍ଭ ହୋଇଛି। ଏଥିପାଇଁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଚନ୍ଦ୍ରକାନ୍ତ ନାୟକ ଏଠାରେ ଯୋଗ ଦେଇଛନ୍ତି। ଉକ୍ତ ଚିକିତ୍ସା ଜନସାଧାରଣଙ୍କ ସମେତ ମୁଖ୍ୟତଃ ବିଭିନ୍ନ କ୍ରୀଡ଼ାକ୍ଷେତ୍ରରେ ସାମିଲ ଥିବା ଖେଳାଳିଙ୍କ ପାଇଁ ଫଳପ୍ରଦ ହୋଇ ପାରିବ। ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କ୍ରୀଷ୍ଣାଙ୍କ ସମେତ କାକିନାଡ଼ାର ଇନୋଦୟ ହସ୍ପିଟାଲର ଚେୟାରମ୍ୟାନ ଡା. ଜି. ରାମମୋହନ, ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ଡା. ହିମାଂଶୁ ଶେଖର ମିଶ୍ର, ଡା. ସୁଶାନ୍ତ ମେହେର, ଡା. ଭି. ସତିବାବୁ, ଡା. ଭରତ ଚନ୍ଦ୍ର ମିଶ୍ର, ଡା. ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହସ୍ପିଟାଲର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଡାଇରେକ୍ଟର ଡା. ଚେକୁରୀ ରବି କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନରେ ବସି ଖାଇ ପାରିବେନି ଗ୍ରାହକ

**ଟିଟିଲାଗଡ ଡିଏଭି କଲେଜରେ ପଶିଲା କରୋନା, ଟିକାଦାନ ବନ୍ଦ**

ଟିଟିଲାଗଡ଼, ୧୨।୪ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଟିକା ସପ୍ତାହ ଫସର ଫାଟିଛି। ଗତ ଶନିବାରରୁ ଟିକା ସରିଯିବାରୁ ଟିକାଦାନ ପ୍ରକ୍ରିୟା ବନ୍ଦ କରାଯାଇଛି। ମାର୍ଚ୍ଚ ୩ ତାରିଖଠାରୁ ବରିଷ୍ଠ ନାଗରିକଙ୍କୁ ଟିକାକରଣ ଆରମ୍ଭ ହୋଇଥିବ ବେଳେ ଦ୍ୱିତୀୟ ଡୋଜ ଟିକା ନେବାକୁ ସମୟ ହେଲାଣି। ଏପ୍ରିଲ ୧ରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମଧ୍ୟ ଟିକାଦାନ ଆରମ୍ଭ ହୋଇଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ଟିଟିଲାଗଡ ଡିଏଭି ସ୍ୱୟଂଶାସିତ କଲେଜର ଜଣେ ଛାତ୍ରଙ୍କ ସମେତ ତିନି ଅଧ୍ୟାପକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ତେବେ ଆଣ୍ଟିଜେନ ଟେଷ୍ଟରେ ପଜିଟିଭ ସୂଚିତ ହୋଇଥିବା ଅଧ୍ୟାପକଙ୍କୁ ଆରଟିପିସିଆର ଟେଷ୍ଟ କରିବା ପାଇଁ ପରାମର୍ଶ ଦିଆଯାଇଥିବା ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଉପଖଣ୍ଡରେ ଥିବା ଜଳଖିଆ ଦୋକାନ, ରେଷ୍ଟୁରାଣ୍ଟ ଓ ହୋଟେଲରେ ଗ୍ରାହକଙ୍କୁ ବସାଇ ଖାଦ୍ୟ ନ ପରଶି ପାର୍ସଲରେ ଦେବାକୁ ଉପଜିଲାପାଳ ଆଦେଶ ଜାରି କରିଛନ୍ତି। ଅନ୍ୟଥା ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସାମୂହିକ ଜଳପ୍ରକଳ୍ପ ଉନ୍ନତୀକରଣ ଶିଳାନ୍ୟାସ


ଚନ୍ଦ୍ରପୁରରେ ସାମୂହିକ ଜଳଯୋଗାଣ ପ୍ରକଳ୍ପ ଉନ୍ନତୀକରଣର ଶିଳାନ୍ୟାସ କରୁଛନ୍ତି ବିଧାୟକ ନରସିଂହ ମିଶ୍ର।

ଦେଓଗାଁ,୧୨।୪(ଡି.ଏନ.ଏ.)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ, ଜରାସିଂହା ଓ ସାଲେପାଲି ପଞ୍ଚାୟତକୁ ଗସ୍ତ କରି ବିଧାୟକ ନରସିଂହ ମିଶ୍ର ସୋମବାର ସାମୂହିକ ଜଳ ପ୍ରକଳ୍ପ ଉନ୍ନତିକରଣର ଶିଳାନ୍ୟାସ କରିଛନ୍ତି। ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁରଠାରେ ୩୫ଲକ୍ଷ ୪୦ହଜାର ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ସାମୂହିକ ଜଳପ୍ରକଳ୍ପ ଉନ୍ନତିକରଣର ସେ ଶିଳାନ୍ୟାସ କରିଥିଲେ। ପରେ ବିଧାୟକ ମିଶ୍ର ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ବଡଡୁଙ୍ଗୁରିପାଲିରେ ୨୮ଲକ୍ଷ ଟଙ୍କା ବ୍ୟୟରେ ସାମୂହିକ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ବରକାନୀ ଓ ଦେଓଗାଁ ପଞ୍ଚାୟତର ମଦନପାଲି ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଗସ୍ତ ସମୟରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବିଶ୍ୱଜିତ ପାତ୍ର, ବିଡିଓ ମୁରଲୀଧର ନାଏକ, ସହକାରୀ ଯନ୍ତ୍ରୀ ମୋହନ ମହାଲିକତଥା ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅସହ୍ୟ ତାତି, ଜଳଛତ୍ର ଖୋଲିନି

ଜାମଟିକ୍ରା, ୧୨।୪ (ଡି.ଏନ.ଏ.)

ଅତାବିରାରେ ଏବେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ଫଳରେ ଲୋକେ ଦିନ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଦୂରଦୂରାନ୍ତରୁ ଲୋକମାନେ ବିଭିନ୍ନ କାର୍ଯ୍ୟରେ ଅତାବିରାକୁ ଆସୁଥିବା ବେଳେ ଟାଣଖରାରୁ ରକ୍ଷା ପାଇବା ପାଇଁ ଏଣେତେଣେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଲୋକେ ମୁଣ୍ଡରେ ଛତା ଓ ଗାମୁଛା ବାନ୍ଧି ଯାଉଛନ୍ତି। ଅତାବିରା ସହରର କଲେଜ ଛକ, ବସ୍‌ଷ୍ଟାଣ୍ଡ, ବ୍ଲକ ଓ ତହସିଲ ଛକ, ଥାନା ଛକ ଆଦି କୌଣସି ସ୍ଥାନରେ ଜଳଛତ୍ର ଖୋଲା ଯାଇନାହିଁ। ପଥଚାରୀମାନେ ପିଇବା ପାଣି ପାଇଁ ତହଲବିକଳ ହେଉଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

# ବୀମା ସହାୟତା ପାଇଁ ଫେରାଦ

ବରଗଡ଼ ଅଫିସ୍,୧୨।୪



ବୀମା ସହାୟତା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲାରେ ଆଉ ୨ସପ୍ତାହ ପରେ ରବି ଧାନ ଅମଳ ହେବ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଝାରବନ୍ଧ ବ୍ଲକ ଅଧୀନ ୩ଟି ପଞ୍ଚାୟତ କୁମିର, ଗୋଠୁଗୁଡ଼ା ଏବଂ କୁର୍ଲୁପାଲି ଅଞ୍ଚଳର ଚାଷୀମାନଙ୍କୁ ୨୦୧୯-୨୦ ବର୍ଷରେ ହୋଇଥିବା ଫସଲ କ୍ଷତି ବାବଦକୁ ବୀମା ସହାୟତା ମିଳିନାହିଁ। ବୀମା କମ୍ପାନୀ ଏସିଏଫ୍ (ଏରିଆ କମନ ଫ୍ୟାକ୍ଟର) ଆଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା ସହାୟତା ରାଶିକୁ କାଟି ଦେଇଛି। ଏଭଳି ଅଭିଯୋଗ ନେଇ କୁମିର ସ୍ଥିତ ବୀର ସୁରେନ୍ଦ୍ର ସାଏ କୃଷକ ମହାସଂଘ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଗତ ୨୦୧୯-୨୦ରେ ଉକ୍ତ ପଞ୍ଚାୟତରେ ବ୍ୟାପକ ଫସଲକ୍ଷତି ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀମାନେ ବୀମା ସହାୟତା ପାଇବେ ବୋଲି ଆଶା ରଖିଥିଲେ ମଧ ବୀମା କମ୍ପାନୀ ଏସିଏଫ୍ ଆଳରେ ଉକ୍ତ ୩ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା ସହାୟତାକୁ କାଟି ଦେଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଅନ୍ୟ କେତେକ ବ୍ଲକରେ ଏସିଏଫ୍‌କୁ ଉଠାଇ ଦେଇ ସମ୍ପୃକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ କରାଯାଇଛି ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଏବଂ ବୀମା କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଧାର, କରଜ କରି ଚାଷୀମାନେ ପରବର୍ତ୍ତୀ ଚାଷକାର୍ଯ୍ୟ କରିଥିବାବେଳେ ପରିବାର ଚଳାଇବାରେ ଅସୁବିଧା ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏସିଏଫ୍ ଉଠାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ବୀମା ସହାୟତା ଯୋଗାଇ ଦେବାକୁ ବୀର ସୁରେନ୍ଦ୍ର ସାଏ କୃଷକ ମହାସଂଘର ସଭାପତି ବ୍ରଜମୋହନ ସାହୁ, ସମ୍ପାଦକ ନାରାୟଣ ମରାଇ ପ୍ରମୁଖ ଦାବି କରିଛନ୍ତି।

# କୋର୍ଟ ଆଦେଶରେ ରୁଜୁ ହେଲା ହତ୍ୟା ମାମଲା

**ଜୟରାମ ଆତ୍ମହତ୍ୟା ମାମଲା**

ବୌଦ୍ଧ,୧୨।୪(ସ୍ୱ.ପ୍ର.)

ଗତ ୧୩ ତାରିଖ ଦିନ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବହିରା ଗ୍ରାମ ନିକଟ ଏକ ଗଛରୁ ଗୁଡପଡା ଗ୍ରାମର ଟ୍ରାକ୍ଟର ଡ୍ରାଇଭର ଜୟରାମ ବନଛୋରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ବାଉଁଶୁଣୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଘଟଣାର ଦିନକ ପରେ ଜୟରାମଙ୍କ ପିତା ବିନୟ ବନଛୋର ପୁଅକୁ ତାର ବନ୍ଧୁମାନେ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ଏହାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୌଦ୍ଧ ଏସ୍‌ଡିଜେଏମ୍ ଅଦାଲତରେ ପିଟିସନ ଦାଖଲ କରିଥିଲେ। ଅଦାଲତ ପିଟିସନର ବିଚାର କରି ଏ ନେଇ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପାଇଁ ବାଉଁଶୁଣୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମାମଲାରେ ପ୍ରମାଣ ଅଭାବରୁ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ସୁବାଶ ଚନ୍ଦ୍ର ରାୟଗୁରୁ ପ୍ରକାଶ କରିଛନ୍ତି।

# ଜବରଦଖଲ ଉଚ୍ଛେଦ ଦାବିରେ ତହସିଲ ଘେରାଉ



ତହସିଲ ଅଫିସ ସମ୍ମୁଖରେ ଧାରଣାରତ ଆନ୍ଦୋଳନକାରୀ।

**ସରକାରୀ ଜମିରେ ଦୋକାନ ଘର ନିର୍ମାଣ**

ଲୋଇସିଂହା,୧୨।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରୁଗୁଡିଖାଲଠାରେ ସରକାରୀ ଜମିକୁ ଜବରଦଖଲ କରି କେତେକ ବ୍ୟକ୍ତି ଦୋକାନ ଘର କରିଛନ୍ତି। ଆଉ କେତେକ ଦୋକାନ ଗୃହ ନିର୍ମାଣ କରୁଛନ୍ତି। ବେଆଇନ ଜବରଦଖଲ ନେଇ ଅଭିଯୋଗର ୩ମାସ ପରେ ମଧ୍ୟ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ପ୍ରଶାସନିକ ଧୀରଗତି ପ୍ରତିବାଦ ଓ ଜବରଦଖଲ ଉଚ୍ଛେଦ ଦାବିରେ ବୁଢୀପଦର ଗ୍ରାମବାସୀ ସୋମବାର ତହସିଲ ଅଫିସ ଘେରାଉ କରିଥିଲେ। ବର୍ତ୍ତମାନ ୨ଜଣ ବ୍ୟକ୍ତି ଜବରଦଖଲ କରି ୨୫ଟି ଦୋକନ ଗୃହ ନିର୍ମାଣ କରୁଛନ୍ତି। ସେଥିରୁ କେତେକ କାମ ଛାତ ଲେବୁଲ ପର୍ଯ୍ୟନ୍ତ ହେଲାଣି। ତହସିଲ ପକ୍ଷରୁ ଅବିଳମ୍ବେ ପଦକ୍ଷେପ ଗ୍ରହଣ କରା ନ ଗଲେ ଯେଉଁ ପରିସ୍ଥିତ ସୃଷ୍ଟି ହେବ ସେଥିପାଇଁ ତହସିଲଦାର ଦାୟୀ ରହିବେ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ବୁଢୀପଦର ଗ୍ରାମ୍ୟ ବିକାଶ କମିଟି ସଭାପତି ବିକ୍ରମ ସିଂରାଏ, ସମ୍ପାଦକ ବେଦପତି ପଧାନ, ଉପସଭାପତି ପ୍ରହ୍ଲାଦ ପଧାନ, ସହସମ୍ପାଦକ ଘାସିରାମ ବେହେରା, କୋଷାଧ୍ୟକ୍ଷ ଶେଷଦେବ ପଧାନ, ମାନସ ଯଜ୍ଞ କମିଟି ସଭାପତି ବଳଦେବ ଭୋଇ ଓ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ପ୍ରମୁଖ କହିଛନ୍ତି। ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ର ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ କହିଥିଲେ ଯେ, ଜବରଦଖଲ ସ୍ଥାନରେ ଏକ ମହିଳା କଲେଜ ଖୋଲିବାକୁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ଏହା ଶୁଣିବା ପରେ ଅତିରିକ୍ତ ତହସିଲଦାର ମିଶ୍ର କହିଥିଲେ ଯେ, ଆଜି ହିଁ ନିର୍ମାଣ କାମକୁ ବନ୍ଦ କରାଯିବ ଏବଂ ନିର୍ମାଣାଧୀନ ଦୋକାନ ଗୃହକୁ ଭଙ୍ଗାଯିବ। ଏଭଳି ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ପରେ ଆନ୍ଦୋଳନକାରୀ ଲୋଇସିଂହା ଥାନାକୁ ଯାଇ ଏ ନେଇ ଫେରାଦ ହୋଇଥିଲେ।

## ଉତ୍କଳ ସାହିତ୍ୟ ସମାଜ ଦେବଗଡ ଶାଖାର ବୈଠକ

ଦେବଗଡ଼,(ଡି.ଏନ୍.ଏ.): ସ୍ଥାନୀୟ କ୍ଲବ ଗୃହଠାର ସୋମବାର ଉତ୍କଳ ସାହିତ୍ୟ ସମାଜ ଦେବଗଡ଼ ଶାଖାର ଏକ ବୈଠକ ଆବାହକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯତୀନ୍ଦ୍ର ପ୍ରଧାନ, ଲୋକନାଥ ବେହେରା, ଫକୀର ମୋହନ ଦେହୁରୀ, ରାମଚନ୍ଦ୍ର ପ୍ରଧାନ ଓ ଅଞ୍ଜନା ନାୟକଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ଉତ୍କଳ ସାହିତ୍ୟ ସମାଜ, ଦେବଗଡ ଶାଖା ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ଏହି ଅବସରରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।

**ସଂକ୍ଷେପରେ**

## ସ୍ତ୍ରୀଙ୍କ ଠେଙ୍ଗା ମାଡ଼ରେ ସ୍ୱାମୀଙ୍କ ଜୀବନ ଗଲା

ସୁନ୍ଦରଗଡ,୧୨।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲଣ ତଳସରା ଥାନା ଅଞ୍ଚଳରେ ଜଣେ ମହିଳା ଲୁହା ପାଇପରେ ପିଟି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାର ୪୮ଘଣ୍ଟା ନ ପୁରୁଣୁ ଭଷ୍ମା ଥାନା ଅଂଚଳରେ ସୋମବାର ସେହିଭଳି ଏକ ଘଟଣା ଘଟିଛି। ଥାନା ଅନ୍ତର୍ଗତ ନିଆଲିପାଲି ଗ୍ରାମର ଖିରଧର ନେଟୀ(୭୫)ଙ୍କୁ ତାଙ୍କ ସ୍ତ୍ରୀ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସଦର ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଓ ଭଷ୍ମା ଥାନା ପୋଲିସ ଘଟଣାସ୍ଥଳରେ ଅଭିଯୁକ୍ତ ସ୍ତ୍ରୀ ସୁରୀ ନେଟୀ(୬୫)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ସୁରୀ ଏକ ଠେଙ୍ଗାରେ ପିଟି ଦେବାରୁ ଖିରଧରଙ୍କ ମୃତ୍ୟୁ ଘଟିଥିଲା।ଏ ନେଇ ଭଷ୍ମା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଶିକ୍ଷୟିତ୍ରୀ ପଦବୀରୁ ପରୀକ୍ଷାର୍ଥିନୀ ବହିଷ୍କୃତ

ଦେବଗଡ଼,୧୨।୪(ଡି.ଏନ୍.ଏ)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା**

**■ ବୋର୍ଡ କର୍ତ୍ତୃପକ୍ଷଙ୍କ ସୁପାରିଶ ସତ୍ତ୍ୱେ କେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ**

ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଓଟିଇଟି ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍ ମାମଲାରେ ମୋବାଇଲରେ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳନ କରିଥିବା ପରୀକ୍ଷାର୍ଥିନୀ ତଥା ସମ୍ବଲପୁର ଜିଲା ନାକଟିଦେଉଳ ୟୁଜିୟୁପି ସ୍କୁଲର କନିଷ୍ଠ ଶିକ୍ଷୟିତ୍ରୀ ରଜନୀ ବେହେରାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦେବଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟ ଆଧାରରେ ସମ୍ବଲପୁର ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେହେରାଙ୍କୁ ଲଗାତାର ୩ ବର୍ଷ (ସଦ୍ୟ ସମାପ୍ତ ପରୀକ୍ଷାକୁ ମିଶାଇ) ପାଇଁ ପରୀକ୍ଷା ଦେବାରୁ ବଞ୍ଚିତ କରିବା ସହ ଚାକିରିରୁ ବହିଷ୍କାର କରିଛନ୍ତି। ସେହିପରି କାର୍ଯ୍ୟରେ ଅବହେଳା ଅଭିଯୋଗରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମାଧ୍ୟମିକ ଶିକ୍ଷା ବୋର୍ଡଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଗେଟ୍ ଚେକିଂ ଓ ଇନଭିଜିଲେଟର ଦାୟିତ୍ୱରେ ଥିବା ଶିକ୍ଷକ ସୁଶାନ୍ତ କୁମାର ରାୟ, ବିଶ୍ୱନାଥ କିଷାନ ଓ ଶିକ୍ଷୟିତ୍ରୀ (ରିଲିଭର) ରଞ୍ଜିତା ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ମାତ୍ର ବିସ୍ମୟର କଥା ଏହା ଯେ, ମାଧ୍ୟମିକ ଶିକ୍ଷା ବୋର୍ଡର ନିର୍ଦ୍ଦେଶ ସତ୍ତ୍ୱେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ କୁମୁଦବନ୍ଧୁ ପୃଷ୍ଟିଙ୍କ ବିରୁଦ୍ଧରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲା ଶିକ୍ଷା ଅଧିକାରୀଙ୍କ ଭୂମିକା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୯ ତାରିଖ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଓଟିଇଟି ପରୀକ୍ଷା ଚାଲିଥିବାବେଳେ ଏହି ପରୀକ୍ଷାରେ ପରୀକ୍ଷାର୍ଥୀନୀ ଭାବେ ସମ୍ବଲପୁର ଜିଲା ନାକଟିଦେଉଳ ୟୁଜିୟୁପି ସ୍କୁଲର କନିଷ୍ଠ ଶିକ୍ଷୟିତ୍ରୀ ରଜନୀ ବେହେରା ଅଂଶଗ୍ରହଣ କରିଥିଲେ। ଶ୍ରୀମତୀ ବେହେରା ନିଜର ମୋବାଇଲ ଫୋନରେ ପ୍ରଶ୍ନପତ୍ରର ଚିତ୍ରଉତ୍ତୋଳନ କରି ଭାଇରାଲ କରିଥିବା ଅଭିଯୋଗ ହେବା ପରେ ତାଙ୍କ ନିକଟରୁ ସମ୍ପୃକ୍ତ ମୋବାଇଲ ଫୋନକୁ ଜବତ କରାଯାଇଥିଲା। ଏନେଇ ଉକ୍ତ ଦିନ ହିଁ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏହି ବୈଠକରେ ସମ୍ପୃକ୍ତ ପରୀକ୍ଷାର୍ଥୀନୀଙ୍କ ବିରୁଦ୍ଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ କାର୍ଯ୍ୟରେ ଅବହେଳା କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ କେନ୍ଦ୍ର ଅଧୀକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ସମ୍ପୃକ୍ତ ପରୀକ୍ଷାର୍ଥିନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ମାତ୍ର ଅଧୀକ୍ଷକଙ୍କ ବିରୁଦ୍ଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହାଯେ, ଏହି ଘଟଣା ପରେ ମାଧ୍ୟମିକ ଶିକ୍ଷା ବୋର୍ଡର ନିଷ୍ପତ୍ତି ଅନୁଯାୟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଗାମୀ ଦିନରେ ମାଧ୍ୟମିକ ବୋର୍ଡ ଦ୍ୱାରା ହେବାକୁ ଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଆୟୋଜନରୁ ବଞ୍ଚିତ ରହିବ। ତେବେ ୨୦୨୧ ବର୍ଷରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନିମନ୍ତେ ଏହି କେନ୍ଦ୍ରକୁ ଚୟନ କରାଯାଇସାରିଥିବାରୁ ଏହି ପରୀକ୍ଷା ଅନୁଷ୍ଠିତ ହେବ । ମାତ୍ର କେନ୍ଦ୍ର ଅଧୀକ୍ଷକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ଦୂରେଇ ରଖାଯିବ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ନିଷ୍ପତ୍ତି ନେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ଦେବଗଡ଼ କଲେଜ ଶଟ୍‌ଡାଉନ ଘୋଷଣା



ଦେବଗଡ଼ କଲେଜ।

ଦେବଗଡ଼,୧୨।୪(ଡି.ଏନ୍.ଏ.)

ଦେବଗଡ଼ ଜିଲାରେ ସମ୍ପ୍ରତି କରୋନାର ଦ୍ୱିତୀୟ ଲହର କାୟା ବିସ୍ତାର କରିବାରେ ଲାଗିଛି। ଏହି କ୍ରମରେ ଇତିମଧ୍ୟରେ ଦେବଗଡ଼ କଲେଜର ୪ଜଣ ଅଧ୍ୟାପକ ଓ କର୍ମଚାରୀ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ କଲେଜ କର୍ତ୍ତୃପକ୍ଷ ଆଗାମୀ ଏକ ସପ୍ତାହ ଅର୍ଥାତ୍ ୧୩ ରୁ ୧୯ ତାରିଖ ପର୍ଯ୍ୟନ୍ତ କଲେଜକୁ ସଟ୍‌ଡାଉନ ଘୋଷଣା କରିଛନ୍ତି। କଲେଜର ଅଧ୍ୟକ୍ଷ ଚିଠି ନଂ.୦୭୧/ ତା୧୨।୪।୨୦୨୧ରିଖରେ କଲେଜକୁ ସଟ୍‌ଡାଉନ ଘୋଷଣା କରିବା ସହ ସମୟ ସାରଣୀ ଅନୁଯାୟୀ ଅନ୍‌ଲାଇନ ଯୋଗେ ପାଢପଢା ହେବ ବୋଲି ସୂଚନା ଦେଇଛନ୍ତି। ସେହିପରି କର୍ମଚାରୀମାନେ ମୁଖ୍ୟାଳୟରେ ରହିବା ସହ ଆବଶ୍ୟକ ସ୍ଥଳେ ଫୋନ ଯୋଗେ କାର୍ଯ୍ୟ ତୁଲାଇବାକୁ ପରାମର୍ଶ ଦେଇଥିବା ଜଣାପଡିଛି।

## ସ୍କର୍ପିଓ ଧକ୍କାରେ ସ୍କୁଟିଚାଳକ ମୃତ

କୁଆଁରମୁଣ୍ଡା,୧୨।୪(ଡି.ଏନ.ଏ.)

**ସ୍କୁଟିକୁ ଦେଢ କି.ମି ଘୋଷାରି ନେଇଗଲା ସ୍କର୍ପିଓ**

ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲାରେ ୧୪୩ ନମ୍ବର ଜାତୀୟ ରାଜପଥରେ ଏଭଳି ଏକ ଦୁର୍ଘଟଣା ଘଟିଛି, ଯେଉଁଥିରେ ସ୍କୁଟିକୁ ଦେଢ କିମି ଘୋଷାଡ଼ି ନେଇଛି ସ୍କର୍ପିଓ। ବୀରମିତ୍ରପୁର ଥାନା ୧୪୩ ନମ୍ବର ଜାତୀୟ ରାଜପଥର କୁମ୍‌ଝରିଆ ପୁରୁଣା ଗୀର୍ଜା ନିକଟରେ ବୀରମିତ୍ରପୁର ପାର୍ଶ୍ୱରୁ ବେଦବ୍ୟାସ ପଟକୁ ଯାଉଥିବା ଏକ ଧଳା ରଙ୍ଗର ସ୍କର୍ପିଓ ବିପରୀତ ପାର୍ଶ୍ୱରେ ଯାଉଥିବା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କର୍ପିଓର ବେଗ ଏତେ ଅଧିକ ଥିଲା ଯେ, ସ୍କୁଟି ସହ ଚାଳକଙ୍କୁ ପ୍ରାୟ ଦେଢ କି.ମି ଘୋଷାଡି ନେଇ ପଳାଇଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁସାରେ ସ୍କର୍ପିଓଟି ସ୍କୁଟିକୁ ଦେଢ କି.ମି. ଦୂରତା ପର୍ଯ୍ୟନ୍ତ କଂକ୍ରିଟ ରାଜପଥରେ ଘୋଷାଡି ନେଇ ରାମପାଲ ଛକ ପର୍ଯ୍ୟନ୍ତ ନେଇଯାଇଥିଲା। ଲୋକେ ପୋଲିସକୁ ଖବର ଦେବାରୁ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ୧୪୩ ନମ୍ବର ଜାତୀୟ ରାଜପଥରେ ନାକାବନ୍ଦୀ କରିଥିଲା। ପୋଲିସ ପିଛା କରି ସ୍କର୍ପିଓକୁ ଜବତ କରିବାରେ ସକ୍ଷମ ହୋଇଛି। ମୃତ ସ୍କୁଟି ଚାଳକ ଜଣଙ୍କ ହେଉଛନ୍ତି, ନୂଆଗାଁ ବ୍ଲକ ବାଗଡ଼େଗା ଅଞ୍ଚଳର ୱେଲଫେୟାର ବାଆ(୬୦)। କୁଆଁରମୁଣ୍ଡା ପୋଲିସ ଦୁର୍ଘଟଣା ଘଟେଇ ଫେରାର ହୋଇଯାଉଥିବା ସ୍କର୍ପିଓ ଓଡି ୧୪ଭି ୬୫୦୨କୁ ବେଦବ୍ୟାସ ଛକରୁ ଜବତ କରିବା ସହ ଉକ୍ତ ଗାଡିର ମାଲିକ ତଥା ଚାଳକ ସୁବୋଧ ଯାଦବ(୩୦)ଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା ଜାରି ରଖିଛି। ସ୍କର୍ପିଓ ଚାଳକ ସୁବୋଧ କେ. ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ଗ୍ରାମର ହୋଇଥିବା ବେଳେ ସେ କୌଣସି କାମରେ ବିହାର ଯାଇ ଘରକୁ ଫେରୁଥିଲେ।

## ୭ ବର୍ଷ ୫ ମାସ ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୧୨।୪(ଡି.ଏନ୍.ଏ.)

**ନାବାଳିକା ବଳାତ୍କାର ମାମଲା**

୨୦୧୩ ମସିହାରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାରକରି ସୋମବାର ଅତିରିକ୍ତ ଜିଲାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ସସ୍ମିତା ପର୍ହୀ ରାୟ ଶୁଣାଇଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି। ୨୦୧୩ ଅକ୍ଟୋବରରେ ଦେବଗଡ ଥାନା ଲଇମୁରା ଫାଣ୍ଡି ଡିମିରିକୁଦା ଗ୍ରାମର ଜନୈକା ନାବାଳିକାଙ୍କୁ ଉକ୍ତ ଗ୍ରାମର ମୁନା ଶେଖର ଜୟପୁରିଆ ବଳାତ୍କାର କରି ଗର୍ଭବତୀ କରିଥିବା ଲଇମୁରା ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଅଭିଯୁକ୍ତ ମୁନା ଶେଖରଙ୍କୁ ଗିରଫ କରି ଆଇପିସିର ଦଫା ୩୭୬(୨)(ଆଇ)ଏବଂ (ଏନ)ଓ ପୋକ୍ସ ଆଇନର ଦଫା-୪ ଓ ୬ରେ କୋର୍ଟ ଚାଲାଣ କରିଥିଲା । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମୁନା ସେହିଦିନଠାରୁ ଜେଲ ହାଜତରେ ରହିଥିଲେ । ଦେବଗଡ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ପ୍ରମାଣ ଅଭାବରୁ ମୁନାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ଓ ଜନ୍ମେଜୟ ପ୍ରଧାନ ମୋକଦ୍ଦମା ପରିଚାଳନା କରୁଥିଲେ ।

## ସଙ୍ଗଠନ ସୁଦୃଢ଼ ଉପରେ ଦଳୀୟ ନେତାଙ୍କ ଗୁରୁତ୍ୱ

ବଡଗାଁ, ୧୨।୪ (ଡି.ଏନ.ଏ)




**ଭାଜପା ପାମରା ମଣ୍ଡଳର ବୈଠକ**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ରବିବାର ପାମରା ମଣ୍ଡଳ ଭାଜପା ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ଅମୀର ନାଏକ, ଜିଲା ଉପସଭାପତି ବସନ୍ତ ସାହୁ, ଜିଲା ସମ୍ପାଦକ ସତ୍ୟବାନ ବିଶି, ପାମରା ମଣ୍ଡଳର କର୍ମକର୍ତ୍ତା ପରମେଶ୍ୱର ନାଏକ, ସରୋଜ ପୁରାଲେ, ପଦ୍ମନ ନାଏକ, ଚିନ୍ତାମଣୀ ବଡାଇକ, ବଳଦେବ ବେହେରା, ନିରଞ୍ଜନ ଦାନୀ, ହୃଦାନନ୍ଦ ନାଏକ, ଲବଣୀଧର ରଣା, ଭଗବାନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ କର୍ମକର୍ତ୍ତାମାନେ ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ଅଧ୍ୟକ୍ଷ ଆସନ କିପରି ହାତକୁ ଅଣାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ଭାଜପା କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଗରଗଡବାହାଲ ଗ୍ରାମର ଗୋବର୍ଦ୍ଧନ ହାହା ଭାଜପାରେ ଯୋଗଦେଇଥିଲେ। ତାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଦେବଗଡ଼,୧୨।୪(ଡି.ଏନ୍.ଏ.)




ଦେବଗଡ଼ ଜିଲାପାଳଙ୍କ ନିକଟକୁ ଆସିଥିବା ଚାଷୀମାନେ।

**ଧାନ ବିକ୍ରିର ଅଢେଇ ମାସ ପରେ ବି ମିଳିନାହିଁ ପ୍ରାପ୍ୟ**

ଧାନ ବିକ୍ରିର ଦୀର୍ଘ ଅଢ଼େଇ ମାସ ପରେ ମଧ୍ୟ ଦେବଗଡ଼ ଜିଲାର କେତେକ ଚାଷୀଙ୍କୁ ପ୍ରାପ୍ୟ ମିଳିନାହିଁ। ସୋମବାର ପ୍ରାପ୍ୟ ପ୍ରଦାନ ପାଇଁ ବାରକୋଟ ବ୍ଲକ ଦଣ୍ଡାସିଂହା କୃଷି ସମବାୟ ସମିତି ଅଧିନସ୍ଥ ଚାଷୀମାନେ ଦେବଗଡ଼ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ପୂର୍ବାହ୍ନରେ ଦଣ୍ଡାସିଂହା କୃଷି ସମବାୟ ସମିତି ଅଧିନସ୍ଥ ଚାଷୀ ଛାୟାକାନ୍ତ ନାୟକ, ଚୂଡାମଣି ସାହୁ, ରମେଶ ଦେହୁରୀ, ବିଦ୍ୟାଧର ପ୍ରଧାନ ଓ ଅରକ୍ଷିତ ପ୍ରଧାନ ପ୍ରମୁଖ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏ ମର୍ମରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହ ସେମାନଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ପାଇଁ ଦାବି କରିଥିବା ଜଣାପଡିଛି। ଉପରୋକ୍ତ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଗତ ଜାନୁୟାରୀ ମାସରେ ଦଣ୍ଡାସିଂହା କୃଷି ସମବାୟ ସମିତିର ସମ୍ପାଦକ ହରେକୃଷ୍ଣ ଦେହୁରୀ ଓ ଡିଇଓ ମାନସ ପ୍ରଧାନ ଧାନ ବିକ୍ରି ନିମନ୍ତେ ସମ୍ପୃକ୍ତ ଅଞ୍ଚଳର ଉପରୋକ୍ତ ଚାଷୀମାନଙ୍କ ନାମରେ ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପରିମାଣର ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରିବା ସହ ବଣିଆଁକିଲିଣ୍ଡା ସ୍ଥିତ ରାଇସମିଲରେ ଉକ୍ତ ଧାନ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ କ୍ରମେ ସମ୍ପୃକ୍ତ ଚାଷୀମାନେ ବଣିଆଁକିଲିଣ୍ଡାସ୍ଥିତ ରାଇସମିଲ୍‌କୁ ଧାନ ନେଇ ପହଞ୍ଚିଥିଲେ। ମାତ୍ର ମିଲର ସେମାନଙ୍କ ନିକଟରୁ ୭ ପ୍ରତିଶତ ଧାନ କାଟି ଅବଶିଷ୍ଟ ଧାନ ଗ୍ରହଣ କରିଥିବା ଦର୍ଶାଇ ଏବାବଦକୁ ରସିଦ ପ୍ରଦାନ କରିଥିଲେ। ଚାଷୀମାନେ ଏହି ରସିଦକୁ ସମ୍ପୃକ୍ତ କୃଷି ସମବାୟ ସମିତିରେ ଜମା କରିଥିଲେ ହେଁ ସେମାନଙ୍କର ଚକ୍ଷୁ ସ୍କାନର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଚକ୍ଷୁ ସ୍କାନ ନିମନ୍ତେ ଫୋନରେ ଡ଼କାଯିବ ବୋଲି କୃଷି ସମବାୟ ସମିତି ପକ୍ଷରୁ କୁହାଯାଇଥିଲା । ମାତ୍ର ଚକ୍ଷୁ ସ୍କାନ ନିମନ୍ତେ ଅଦ୍ୟାବଧି ସେମାନଙ୍କୁ ଡକାଯାଇନାହିଁ କିମ୍ବା ସେମାନଙ୍କୁ ପ୍ରାପ୍ୟ ମଧ୍ୟ ମିଳିନାହିଁ। ସେମାନେ ଗତ ମାର୍ଚ୍ଚ ୨୨ରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରାପ୍ୟ ପାଇଁ ଦାବି କରିଥିଲେ। ଏହା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରାପ୍ୟ ନ ମିଳିବାରୁ ସେମାନେ ସୋମବାର ପୁଣି ଥରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରାପ୍ୟ ପାଇଁ ଗୁହାରୀ କରିଥିବା ପ୍ରକାଶ କରିଛନ୍ତି।

DADLS-01



## ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ

ତା.୧୩.୦୪.୨୦୨୧

**ସକାଳ ୮ ଘଟିକା** : ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ ।

**ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ**

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ
ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**
ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା
ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ
ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ ।
Zoom Link : https://us02web.zoom.us/j/87105986093





କୁଆଁରମୁଣ୍ଡା ବ୍ଲକର ସୁନ୍ଦରଗଡ଼ ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପଇଁତରା ମାରୁଛି(ବାମ)। ସୁନ୍ଦରଗଡ଼ ସୀମାନ୍ତରେ ଯାନବାହନ ଯାଞ୍ଚ କରାଯାଉଛି।

# ସୁନ୍ଦରଗଡ଼ରେ ୨୬୮ ପଜିଟିଭ ଚିହ୍ନଟ: ଯାନବାହନ ଯାଞ୍ଚ

ସୁନ୍ଦରଗଡ଼, ୧୨।୪(ଡି.ଏନ୍.ଏ.)

ଗତ ୮ତାରିଖରେ ଜିଲାରେ ୧୪୭ ଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରି ବାଲିଶଙ୍କରା ବ୍ଲକର ବନ୍‌ଡେଗା ଗ୍ରାମପଞ୍ଚାୟତର ୪ଟି ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରିଛି। ସେହିପରି ୯ ତାରିଖରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ୨୨୪ ହୋଇଥିବା ବେଳେ ୧୦ ତାରିଖରେ ୩୫୫ ଓ ୧୧ ତାରିଖରେ ୨୬୮ ରହିଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ମାସ୍କ ଚେକିଂକୁ କଡାକଡ଼ି କରାଯାଉଛି। ହେଲେ ଅଧିକାଂଶ ଦୋକାନବଜାର ଓ ମାର୍କେଟଗୁଡିକରେ ଆଶାତୀତ ଗହଳି ସହ ସାମାଜିକ ଦୂରତାକୁ ପାଳନ କରାଯାଉନାହିଁ। ଏପରିସ୍ଥଳେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ ଜିଲାରେ କରୋନା ଟେଷ୍ଟିଂ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ସୋମବାର ସୀମାସିଲ କରାଯାଇ ଯାନବାହନ ଯାଞ୍ଚ କରାଯାଉଛି।

## କିର୍ମିରା ଅଞ୍ଚଳରେ ମାସ୍କ ଯାଞ୍ଚ କଡ଼ାକଡ଼ି

କିର୍ମିରା (ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ଲଇକେରା ଥାନା କିର୍ମିରା ବ୍ଲକ ପ୍ରଶାସନ ପକ୍ଷରୁ ମାସ୍କ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଗତ ଦୁଇଦିନ ଭିତରେ ବ୍ଲକରେ ମୋଟ ୨୦ ଅମାନିଆଙ୍କଠାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କିର୍ମିରା ତହସିଲଦାର ତଥା ମାଜିଷ୍ଟ୍ରେଟ ମୁକୁଟ ମଣି ଖେସଙ୍କ ନିର୍ଦ୍ଦେଶରେ ବାଗଡିହି ତେଲିଡିହି ଛକ, ଶିଶୁମନ୍ଦିର ଛକରେ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଥିବା ବାଗଡିହି ଫାଣ୍ଡି ଅଧିକାରୀ ସରୋଜ ନାଏକ ସୂଚନା ଦେଇଥିଲେ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ମା' ସମଲେଶ୍ୱରୀ ଚେସ୍ ଟୁର୍ନାମେଣ୍ଟ, ରେଳନଗରସ୍ଥିତ ଅଫିସର୍ସ କ୍ଲବ, ସକାଳ ୮ଟା

### ସଂକ୍ଷେପରେ

### ଟଙ୍କା ଆତ୍ମସାତ୍ ନେଇ ଜିଲାପାଳଙ୍କୁ ଅଭିଯୋଗ

ସମ୍ବଲପୁର, ୧୨।୪ (ବ୍ୟୁରୋ)- ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତରେ ପ୍ରକଳ୍ପ କାମ କରା ନ ଯାଇ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ସୋମବାର ଜିଲାପାଳ ଶୁଭମ୍ ସକସେନାଙ୍କ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ଆର୍ଥିକବର୍ଷ ୨୦୧୯-୨୦ରେ ଠାକୁରମାଲ ସାହାଜକଟା ଉନ୍ନତୀକରଣ ପାଇଁ ୧ଲକ୍ଷ ୫୦ହଜାର, ପଞ୍ଚାୟତ କାର୍ଯ୍ୟାଳୟ ମରାମତି କାର୍ଯ୍ୟ ଲାଗି ୧ଲକ୍ଷ ଟଙ୍କା ଆସିଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ଠାକୁରମାଲ ଗ୍ରାମର କଂକ୍ରିଟ ରାସ୍ତାରେ ୨ ଲକ୍ଷ ୫୦ ହଜାର, ସନାତନପାଲି ପହଲିପଡାଠାରୁ ବଉଲଗଛ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଲାଗି ୨ଲକ୍ଷ ଟଙ୍କା ଆସିଥିଲା। ହେଲେ ଏସବୁ ପ୍ରକଳ୍ପ କାମ କରା ନ ଯାଇ ଟଙ୍କା ଆତ୍ମସାତ୍ କରାଯାଇଛି । ଏହାସହ ଗ୍ରାମସଭାରେ ୱାର୍ଡ ସଭ୍ୟଙ୍କ ଅଜାଣତରେ ପ୍ରସ୍ତାବ ଗୃହୀତ କରାଯାଇଛି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅଶୋକ କୁମାର ଷଡଙ୍ଗୀ, ଲଳିତ ଷଡଙ୍ଗୀ, ୱାର୍ଡମେମ୍ବର ସଙ୍ଗୀତା ମିର୍ଦ୍ଧା, ଶଶିନାଥ ଖମାରୀ, ବୃନ୍ଦାବତୀ ଭୋଇ, ସୁଶାନ୍ତ ଖମାରି, ନିର୍ମଳା ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି।

### ମହାନଗରର ସମସ୍ୟା ନେଇ କମିଶନରଙ୍କୁ ଭେଟିଲା ଯୁବ କଂଗ୍ରେସ

ସମ୍ବଲପୁର, ୧୨।୪ (ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ଯୁବ କଂଗ୍ରେସ କର୍ମକର୍ତ୍ତା ସୋମବାର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସବୁ ୱାର୍ଡରେ ତୁରନ୍ତ ଜଳଛତ୍ର ବ୍ୟବସ୍ଥା, ବିଭିନ୍ନ ୱାର୍ଡରେ ସ୍ୱରେଜ କାମ ପାଇଁ ଖୋଳାଯାଇଥିବା ରାସ୍ତା ମରାମତି, ପାନୀୟ ଜଳ ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଦାବି କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଟାଉନ ଯୁବ କଂଗ୍ରେସ ସଭାପତି ମୋହନ ଶାହା, ବିଧାନସଭା ଯୁବ କଂଗ୍ରେସର ଶେଖ ହସିମ୍, ନୀଳକଣ୍ଠ ମେସୁଆ, ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### କ୍ରିକେଟ ଟୁର୍ନାମେଣ୍ଟ: କ୍ରାନ୍ତି କ୍ଲବ ଚାମ୍ପିୟନ

ସମ୍ବଲପୁର, ୧୨।୪ (ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମର ଝାଙ୍କରପଡା ନିକଟ ବାମରା ଖେଳ ପଡିଆଠାରେ ପ୍ରଥମ ପ୍ରସନ୍ନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରେମେଡ କ୍ରାନ୍ତି କ୍ଲବ ଓ ହୀରାକୁଦ ୱାଇଏସ୍ଏଫ୍ ମଧ୍ୟରେ ହୋଇଥିଲା। କ୍ରାନ୍ତି କ୍ଲବ ଚାମ୍ପିୟନ ହୋଇଥିବାବେଳେ ହୀରାକୁଦ ରନର୍ସଅପ୍ ଟ୍ରଫି ହାସଲ କରିଥିଲା। ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ରାଜ୍ୟ ସୀମାରେ ସମ୍ବଲପୁର ପୋଲିସ

**ହାଇଦର ଫେରାର ହେବା ଘଟଣା**
- ଉଚ୍ଚସ୍ତରୀୟ କମିଟି ତଦନ୍ତ କରନ୍ତୁ
- ସୁପ୍ରିମକୋର୍ଟ ନିୟମ ପାଳନ ହୋଇନାହିଁ

ସମ୍ବଲପୁର,୧୨।୪ (ବ୍ୟୁରୋ)

ସମ୍ବଲପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଗତ ଶନିବାର କଟକ ଏସ୍ସିବି ମେଡିକାଲରୁ ଫେରାର ଘଟଣାକୁ ୩ଦିନ ବିତିଯାଇଛି। ହେଲେ ପୋଲିସ ଏହାର ଟେର ପାଇପାରି ନାହିଁ। ଗୁଇନ୍ଦା, ସ୍ୱତନ୍ତ୍ର ସ୍କ୍ୱାଡ୍ ସବୁ ଫେଲ ମାରିଛି। ବିଭନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ବେଳେ ରାଜ୍ୟର ସୀମାଗୁଡିକୁ ସିଲ୍ କରିଦିଆଯାଇଛି। ସମ୍ବଲପୁର ପୋଲିସର ସ୍ୱତନ୍ତ୍ର ଟିମ୍ ମଧ୍ୟ ପଡୋଶୀ ରାଜ୍ୟ ସୀମାରେ ଥିବା ଜଣାପଡିଛି। ବିହାର, ଝାଡଖଣ୍ଡ ଦେଇ ରାଜ୍ୟ ବାହାରକୁ ଚାଲିଯିବା ସନ୍ଦେହରେ ଟିମ୍ ନିୟୋଜିତ ହୋଇଛନ୍ତି।

ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି, କାହା ଅନୁମତିରେ ଏତେ କମ୍ ସୁରକ୍ଷା ବଳରେ ହାଇଦରଙ୍କୁ କଟକ ନିଆଗଲା। ଏଭଳି ଜଣେ କୁଖ୍ୟାତ ଅପରାଧୀଙ୍କୁ ସ୍ଥାନାନ୍ତର କଲେ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ତର୍ଜମା କରିବା ଉଚିତ ଥିଲା। ପୋଲିସ ଓ ଜେଲ କର୍ତ୍ତୃପକ୍ଷଙ୍କ ଉଚ୍ଚସ୍ତରୀୟ କମିଟି ଆଲୋଚନା ପରେ ଏହା ସ୍ଥିର ହୋଇଥାଏ। କିଛିଦିନ ପୂର୍ବରୁ କୁଖ୍ୟାତ ଅପରାଧୀ ମହମ୍ମଦ ଅନ୍ସାରୀଙ୍କୁ ଜେଲ ସ୍ଥାନାନ୍ତର କରିବା ସମୟରେ ଏପରି କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଲାଗି ସୁପ୍ରିମକୋର୍ଟଙ୍କ ମଧ୍ୟ ନିୟମ ରହିଛି। ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ରହିବା ଆବଶ୍ୟକ ଥିଲା। ହେଲେ ଏହାର ବ୍ୟତିକ୍ରମ କରାଯାଇଛି। ଏଥିପାଇଁ ଜିଲା ପୋଲିସର ମୁଖିଆଙ୍କ ସମେତ ଜେଲ କର୍ତ୍ତୃପକ୍ଷ ଦାୟୀ ଅଟନ୍ତି। ରାଜ୍ୟ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରି ଏହାର ତଦନ୍ତ କଲେ ସତ୍ୟାସତ୍ୟ ସାମନାକୁ ଆସିବ। ଅନ୍ୟଦିଗରେ ଦେଖିବାକୁ ଗଲେ ହାଇଦରଙ୍କ ସାମାନ୍ୟ ଅସ୍ତ୍ରୋପଚାର ବୁର୍ଲା ଭିମ୍ସାରରେ କିଭଳି ହୋଇପାରିଲା ନାହିଁ। ଏଥିରୁ ଜଣାପଡୁଛି ଯେ, ଭିମ୍ସାରର ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ଯଦି ଡାକ୍ତର ଜାଣିଶୁଣି ଏଭଳି କରିଛନ୍ତି ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ରଥ ଦାବି କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ କାର୍ଯ୍ୟରେ ଅବହେଳା କରିଥିବା ଜଣେ ହାବିଲଦାର ଓ ୫ କନଷ୍ଟେବଳଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ହାବିଲଦାର ରମେଶ ଚନ୍ଦ୍ର ଦେହୁରି, କନଷ୍ଟେବଳ ବୁଲବୁଲ ସାହୁ, ଦୀପକ ସାହୁ, ମହମ୍ମଦ ମୌସିମ୍, ଉମାକାନ୍ତ ବେହେରା, ସୁଧାଂଶୁ ମାଝି। ରବିବାର ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜି ନରସିଂହ ଭୋଳ,ଏସ୍ପି ବାତୁଲା ଗଙ୍ଗାଧରଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା।

## ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର ବିକ୍ଷୋଭ



ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି ।

**୨୪ ଦଫା ଦାବିପତ୍ର ପ୍ରଦାନ**

ସମ୍ବଲପୁର, ୧୨।୪ (ବ୍ୟୁରୋ)

୨୪ ଦଫା ଦାବି ନେଇ ଜିଲା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ସୋମବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମିତି କର୍ମକର୍ତ୍ତା ଦର୍ଶାଇଥିଲେ, ଜିଲାରେ କାର୍ଯ୍ୟରତ ପଞ୍ଜୀକୃତ ଓ ଅଣପଞ୍ଜୀକୃତ, ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଲାଗିରହିଛି। ଶ୍ରମିକଙ୍କୁ ସହାୟତା ଓ ସର୍ବନିମ୍ନ ମଜୁରି ମଧ୍ୟ ମିଳୁନାହିଁ। ଜିଲା ଶ୍ରମ ବିଭାଗ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ଶ୍ରମିକମାନେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। କରୋନା ସମୟର ଶ୍ରମିକ ସହାୟତା, ତଦନ୍ତ ସରିଥିବା ବ୍ୟକ୍ତିଙ୍କୁ ପରିଚୟପତ୍ର ପ୍ରଦାନ, ସାଇକେଲ, ଶିକ୍ଷା ସହାୟତା, ୨୦୧୫ରୁ ନବୀକରଣ ବ୍ୟବସ୍ଥା, ନୂତନ ପଞ୍ଜୀକରଣ, ସହାୟତା କେନ୍ଦ୍ର ସ୍ଥାପନ, ୬୦ଦିନ ଭିତରେ ମୃତ୍ୟୁକାଳୀନ ସହାୟତା ଦେବା ପ୍ରଭୃତି ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ସମନ୍ୱୟ ସମିତି ସଭାପତି ପ୍ରଶାନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ତ୍ରିନାଥ ରଣବିଡା, ରୋହିତଶ୍ୱ ସାହୁ, ମମତା ପଣ୍ଡା, ଜିବର୍ଦ୍ଧନ ମିର୍ଦ୍ଧା, ସସ୍ମିତା ଦୀପ, ପ୍ରଜ୍ଞା ପୂଜାରୀ, ବିନୋଦ ବେହେରା, ସୁଜାତା ଗୁରୁ ପ୍ରମୁଖ ଜିଲାପାଳଙ୍କ ଅଫିସରୁ ବାହାରି ଯୁଗ୍ମ ଶ୍ରମ କମିଶନର ଓ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

## କଲେଜ ଛାତ୍ରୀଛାତ୍ରଙ୍କ କରୋନା ସଚେତନତା

ନାକଟିଦେଉଳ,୧୨।୪(ଡି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୋମବାର ନାକଟିଦେଉଳ ସାପ୍ତାହିକ ହାଟ, ବସ୍ଷ୍ଟାଣ୍ଡଠାରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଉଭୟ ବାଳକ ଓ ବାଳିକା ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ


ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

ଅତିଥି ଭାବେ ଯୋଗଦେଇ ସାମାଜିକ ଦୂରତା ରକ୍ଷା ସହ ମାସ୍କ ବ୍ୟବହାର କହିଥିଲେ। ଜାତୀୟ ସେବା ଯୋଜନା ବାଳିକା ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ବାଳକ ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଦେବେଶ ବିଶ୍ୱାଳଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ର କରୋନା ସଚେତନତା ସମ୍ପର୍କିତ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ବସ୍ଷ୍ଟାଣ୍ଡ ପରିକ୍ରମା କରିଥିଲେ।

## କରୋନା ଦ୍ୱିତୀୟ ଲହରରେ ପ୍ରଥମ ଶତକ

ସମ୍ବଲପୁର, ୧୨।୪ (ବ୍ୟୁରୋ)

ସମଗ୍ର ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି। ସମ୍ବଲପୁର ଜିଲାରେ ମଧ୍ୟ ପ୍ରାୟ ୧ ସପ୍ତାହ ହେଲା ସଂକ୍ରମଣ ବୃଦ୍ଧି ପାଉଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ସୋମବାର ୧୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କରୋନା ଦ୍ୱିତୀୟ ଲହରରେ ଏହା ପ୍ରଥମ ଶତକ ସଂଖ୍ୟା ଛୁଇଁଛି। ଗତ ଏପ୍ରିଲ ୫ରେ ମାତ୍ର ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେହିପରି ୬ରେ ୨୮, ୭ରେ ୪୫, ୮ରେ ୪୮ ଜଣ ଚିହ୍ନଟ ହୋଇଥିଲେ। କିନ୍ତୁ ୯ ତାରିଖଠାରୁ ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ଚିହ୍ନଟ ହେଉଛନ୍ତି। ଏହିଦିନ ସଂକ୍ରମଣ ସଂଖ୍ୟା ୮୨ ହୋଇଥିବାବେଳେ ୧୦ରେ ୭୭, ୧୧ରେ ୮୬ ଜଣ ଚିହ୍ନଟ ହୋଇଥିଲେ। ଏହି ହାର ଜାରି ରହିଲେ ଜିଲା ପ୍ରଶାସନ ପାଇଁ ଏହା ଚିନ୍ତାର କାରଣ ସାଜିବ। ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାର ଏକମାତ୍ର କୋଭିଡ୍ ମେଡିକାଲ ବୁର୍ଲା ଭିମ୍ସାରରେ ରହିଛି। ଏଠାରେ ୧୨୦ ଜଣଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସମସ୍ୟା ହେବା ସମ୍ଭବନା ଥିବାରୁ ପ୍ରଶାସନ ପକ୍ଷରୁ ବେଡ୍ ସଂଖ୍ୟା ୨୫୦କୁ ବୃଦ୍ଧି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲାପାଳ ଶୁଭମ୍ ସକ୍ସେନା ନିୟମିତ ଭାବେ ଏହି ମେଡିକାଲ ନିର୍ମାଣ କାମ ତଦାରଖ କରୁଛନ୍ତି। ଖୁବ୍ଶୀଘ୍ର ଏହା ଲୋକାର୍ପଣ କରାଯିବ। ସଂକ୍ରମଣ ପରେ ଜରୁରୀ ଥିବା ରୋଗୀଙ୍କୁ ଭିମ୍ସାରରେ ଭର୍ତ୍ତି କରାଯାଉଛି, ନ ହେଲେ ହୋମ୍ ଆଇସୋଲେସନ୍ରେ ସେମାନଙ୍କୁ ରଖାଯାଇ ଚିକିତ୍ସା, ଆବଶ୍ୟକ ଔଷଧ ଓ ପରାମର୍ଶ ଦିଆଯାଉଛି। ସୋମବାର ବୁର୍ଲା, କୁଚିଣ୍ଡା, ହୀରାକୁଦ, ଯୁଯୁମୁରା, ରେଢ଼ାଖୋଲ, ପୁଟିବନ୍ଧ, ଜମନକିରା, ବାମରା, ଅଇଁଠାପାଲି, ରେଙ୍ଗାଲି, ଫାଟକ, ପଟ୍ଟନାୟକପଡା, ମାନେଶ୍ୱର ପ୍ରଭୃତି ଅଞ୍ଚଳରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଜିଲାପାଳଙ୍କ ଅଫିସ ଆଗରେ ଛାତ୍ରଙ୍କ ବିକ୍ଷୋଭ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

ଝାରସୁଗୁଡ଼ା ଅଫିସ,୧୨।୪

ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ଅନ୍ଲାଇନ୍ରେ କରିବା ଦାବିରେ ଛାତ୍ରୀଛାତ୍ରଙ୍କ ତରଫରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଝାରସୁଗୁଡା ଏଲ୍ଏନ୍ କଲେଜ, ମହିଳା କଲେଜ, ବେଲପାହାଡ କଲେଜ, ବ୍ରଜରାଜନଗର କଲେଜ,ଏଚ୍ କଣ୍ଟାପାଲି ପିକେଏସ୍ଏସ୍ କଲେଜର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

ସେମାନେ ଅଭିଯୋଗ କରିଥିଲେ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଲେଜ ପରିସର ସାନିଟାଇଜ୍ କରାଯିବା କଥା। କିନ୍ତୁ କଲେଜ ପକ୍ଷରୁ ଏହା କରାଯାଉନାହିଁ। ସମସ୍ତେ ମାସ୍କ ପରିଧାନ, ସମଦୂରତା ରକ୍ଷା, ଜନଗହଳି କରିବ ନାହିଁ ବୋଲି କୁହାଉଥିବାବେଳେ କଲେଜ କର୍ତ୍ତୃପକ୍ଷ ଅଫ୍ଲାଇନ୍ରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପରିସ୍ଥିତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ କଲେଜରେ ଅନ୍ଲାଇନ୍ ପରୀକ୍ଷା କରିବା ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ଲାଠିମାଡରେ ୨ଜଣ ଛାତ୍ର ଆହତ ହୋଇଛନ୍ତି। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ଛାତ୍ର କଂଗ୍ରେସ ତରଫରୁ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସମସ୍ତ କଲେଜରେ ଅନ୍ଲାଇନ୍ ପରୀକ୍ଷା, ଛାତ୍ରଙ୍କୁ ମାଡ ମାରିଥିବା ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅନ୍ୟତ୍ର ବଦଳି ଆଦି ଦାବି ରହିଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲା ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ଏସ୍ୟୁରେ ଛାତ୍ରୀଛାତ୍ରଙ୍କ ମାଡ଼ ଘଟଣାରେ କଂଗ୍ରେସର ବିକ୍ଷୋଭ


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ର କଂଗ୍ରେସର ବିକ୍ଷୋଭ।

ସମ୍ବଲପୁର, ୧୨।୪ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ପରିସରରେ ଏପ୍ରିଲ ୬ ତାରିଖରେ ଛାତ୍ରୀଛାତ୍ରଙ୍କୁ ପୋଲିସ ଲାଠିଚାର୍ଜ କରିଥିଲା । ଅନ୍ଲାଇନ ପରୀକ୍ଷା ଦାବିନେଇ ଆସିଥିବା ସମୟରେ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା। ଏହି ଘଟଣାର ପ୍ରତିବାଦ କରି ସୋମବାର ଜିଲା ଛାତ୍ର କଂଗ୍ରେସ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। କର୍ମକର୍ତ୍ତା ଦର୍ଶାଇଥିଲେ, ଏପ୍ରିଲ ୨୭ ତାରିଖଠାରୁ ପରୀକ୍ଷା କରାଯିବାକୁ ନୋଟିସ କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର କୁଳପତି ସଞ୍ଜୀବ ମିତ୍ତଲଙ୍କୁ ଭେଟିବାକୁ ଚାହୁଁଥିଲେ। ଏହି ସମୟରେ ପୋଲିସ ଲଗାଇ ସେମାନଙ୍କୁ ମାଡ଼ ମରାଯାଇଥିଲା। ଏଥିରେ ୪ରୁ ଅଧିକ ଛାତ୍ର ଆହତ ହୋଇଥିଲେ। ହେଲେ ମାଡ଼ ମାରିଥିବା ପୋଲିସ କର୍ମଚାରୀ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପଟେ କୁଳପତି ସମ୍ବଲପୁରୀ ପୋଷାକକୁ ସମାଲୋଚନା କରିଥିବାରୁ ତାଙ୍କୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଛାତ୍ର କଂଗ୍ରେସର ଗିରିଶ ପୃଷେଠ, ଅନବ ବାବୁ, ଆଶିଷ ପ୍ରତାପ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରେରଣ କରାଯାଇଥିଲା।

## ଜିଏମ୍ୟୁ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ସମାବେଶ

ସମ୍ବଲପୁର,୧୨।୪(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ରେ ଅନ୍ଲାଇନ ପରୀକ୍ଷା ଦାବିକରି ଛାତ୍ରୀଛାତ୍ର ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କୁଳପତି ଏନ୍ ନାଗାରାଜୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନୁରୂପ ଭାବେ ଏକ ୪ଜଣିଆ ପ୍ରତିନିଧି ଦଳ ଜିଲାପାଳ ଶୁଭମ୍ ସକ୍ସେନାଙ୍କୁ ଭେଟି ଆଲୋଚନା କରି ଦାବିପତ୍ର ଦେଇଥିଲେ। ଛାତ୍ରୀଛାତ୍ରଙ୍କ କହିବା କଥା, ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୯ ତାରିଖଠାରୁ ଆରମ୍ଭ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ସମୟରେ ଅଫ୍ଲାଇନ ପରୀକ୍ଷା ହେଲେ ଜୀବନ ପ୍ରତି ବିପଦ ରହୁଛି। ଅନ୍ଲାଇନରେ ପାଠପଢା ହେଉଥିଲାବେଳେ ଏବେ ପରୀକ୍ଷା କରିବାରେ କି ସମସ୍ୟା ହେଉଛି ବୋଲି


ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର।

**ଜିଲାପାଳ, କୁଳପତିଙ୍କୁ ଦାବିପତ୍ର ପ୍ରଦାନ**

କହିଥିଲେ। ଏ ସମ୍ପର୍କରେ କୁଳପତି ନାଗାରାଜୁ କହିଛନ୍ତି, ଅଫ୍ଲାଇନ ପରୀକ୍ଷା କରିବା ସରକାରଙ୍କ ନିଷ୍ପତ୍ତି। ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଫ୍ଲାଇନ ପରୀକ୍ଷା କରାଯାଉଛି। ଛାତ୍ରୀଛାତ୍ରଙ୍କ ଦାବି ସରକାରଙ୍କୁ ଜଣାଇ ଦିଆଯିବ। ସରକାର ଯାହା ନିଷ୍ପତ୍ତି ନେବେ।

## ପାନୀୟଜଳ ସମସ୍ୟା ଉତ୍କଟ

**ବାଦିମାଲ ପଞ୍ଚାୟତ**
- ଲୋ ଭୋଲ୍ଟେଜ୍ ପାଇଁ ଜଳ ଯୋଗାଣ ବାଧାପ୍ରାପ୍ତ
- ପାଇପ୍ରୁ ବେଆଇନ୍ ପାଣି ଚୋରି

ଝାରସୁଗୁଡ଼ା ଅଫିସ,୧୨।୪

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଫଳରେ କୂଅ, ପୋଖରୀ, ନଦୀ, ନାଳ ଶୁଖିବାକୁ ବସିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁ ଗଭୀର ନଳକୂପ ଓ ନଳକୂପ ଶୁଷ୍କ ହୋଇଯାଉଛି। ଲୋକେ ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି। ଏଭଳି ସ୍ଥିତି ଉପୁଜିଛି ୧୯ଖଣ୍ଡ ମୌଜା ବାଦିମାଲ ପଞ୍ଚାୟତରେ। ଏହି ପଞ୍ଚାୟତର ୪ନଂ ଓାର୍ଡ ହାଲରପଡାରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି।

ଏହି ପଡାକୁ ପଞ୍ଚାୟତ ତରଫରୁ ପାଇପ୍ ଯୋଗେ ଜଳ ଯୋଗାଣ ହୋଇଛି। ପଡାରେ ଏକ ପାଣିଟାଙ୍କି ନିର୍ମାଣ କରାଯାଇଛି। ଏଥିରୁ ପଡାବାସୀ ପାଣିନେଇ ଚଳନ୍ତି। ଏବେ ୧ମାସ ହେଲାଣି ଟାଙ୍କିକୁ ଠିକ୍ରେ ପାଣି ଆସୁନାହିଁ। ରାସ୍ତାରେ ବିଛାଯାଇଥିବା


ପଞ୍ଚାୟତ ପରିସର ନଳକୂପରୁ ପଡାର ମହିଳାମାନେ ପାଣି ନେଉଛନ୍ତି।

ପାଇପ୍ରୁ କେତେକ ବ୍ୟକ୍ତି ବେଆଇନ୍ ଭାବେ ପାଇପ୍ ସଂଯୋଗ କରି ନିଜ ଘରକୁ ପାଣି ନେଉଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ବିକଳ୍ପ ଭାବେ ପଡାବାସୀ ପଞ୍ଚାୟତ ପରିସରରେ ଥିବା ନଳକୂପ ଓ ସମ୍ମୁଖରେ ଥିବା ବୋରିଂରୁ ପାଣି ନେଇ ବ୍ୟବହାର କରୁଛନ୍ତି। ଏ ନେଇ ପଡାବାସୀ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ସ୍ୱତନ୍ତ୍ର ଭାବେ ଏକ ଗଭୀର ନଳକୂପ ଖନନ କରାଗଲେ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ପଡାର ଲଳିତ ପ୍ରଧାନ, ଶଙ୍କର କିଷାନ୍, ଅର୍ଜୁନ ମିର୍ଦ୍ଧା, ରାମ ଖଡିଆ, ସୁମିତ୍ରା ଖଡିଆ, ଅଞ୍ଜଳି ଖଡିଆ, ସୁକାନ୍ତି ଖଡିଆ ପ୍ରମୁଖ କହିଛନ୍ତି। ଏ ନେଇ ସରପଞ୍ଚ ବୈଦେହୀ ପ୍ରଧାନ କହିଛନ୍ତି, ପଡାରେ ପାଣି ସମସ୍ୟା ରହିଛି । ଲୋ–ଭୋଲ୍ଟେଜ ପାଇଁ ଠିକ୍ରେ ପାଇପ୍ ପାଣି ପହଞ୍ଚିପାରୁନାହିଁ। ଯେଉଁ ପାଣି ଯାଉଛି ରାସ୍ତାରେ କେତେକ ଲୋକ ବେଆଇନ୍ ଭାବେ ପାଇପ୍ ଲଗାଇ ନିଜ ଘରକୁ ନେଉଛନ୍ତି। ଏ ନେଇ ବାରମ୍ବାର ତାଗିଦ୍ କଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଏବେ ପଞ୍ଚାୟତ ତରଫରୁ ଟ୍ରାକ୍ଟର ଯୋଗେ ଟ୍ୟାଙ୍କର ପାଣି ଯୋଗାଇ ଦିଆଯାଉଛି।